ଓଡିଶା ସରକାର

# ୨୦୦୫-୦୬ ଆର୍ଥିକ ବର୍ଷର ବଜେଟ୍
# ଓଡିଶା ବିଧାନସଭାରେ ଉପସ୍ଥାପନ କରି
# ଅର୍ଥମନ୍ତ୍ରୀ
# ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଙ୍କ
# ଅଭିଭାଷଣ

ମାର୍ଚ୍ଚ ୪, ୨୦୦୫

ମାନ୍ୟବର ବାଚସ୍ପତି ମହୋଦୟ,

ଅର୍ଥମନ୍ତ୍ରୀ ହିସାବରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି ପବିତ୍ର ଗୃହରେ 2005–06 ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିବା ପାଇଁ ମୋତେ ସୁଯୋଗ ମିଳିଥିବାରୁ ସର୍ବ ପ୍ରଥମେ ମୁଁ ଆପଣଙ୍କୁ ଏବଂ ଗୃହର ମାନ୍ୟବର ନେତା ତଥା ଆମର ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ, ଗୃହର ମାନ୍ୟବର ବିରୋଧୀ ଦଳର ନେତା, ଉପନେତା ଏବଂ ସମସ୍ତ ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ଆପଣମାନେ ସମସ୍ତେ ଜାଣନ୍ତି ଅର୍ଥମନ୍ତ୍ରୀମାନଙ୍କୁ ଏକ ଗାଣିତିକ ହିସାବ ଓ ଜଟିଳ ନୀତିନିୟମ ଭିତରେ କାର୍ଯ୍ୟ କରିବାକୁ ପଡିଥାଏ । ତେଣୁ ଧୈର୍ଯ୍ୟର ସହିତ ମୋର ବକ୍ତବ୍ୟ ଶୁଣିବା ପାଇଁ ଗୃହର ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ମୁଁ ବିନମ୍ର ଅନୁରୋଧ କରୁଛି ।

ମୋଟାମୋଟି ରାଜ୍ୟର ଆର୍ଥିକ ପରିସ୍ଥିତି

2. 2005–06 ଆର୍ଥିକ ବର୍ଷର ବଜେଟ ଆକଳନ ଉପରେ କିଛି କହିବା ପୂର୍ବରୁ ମୁଁ ରାଜ୍ୟର ଆର୍ଥିକ ପରିସ୍ଥିତି ଉପରେ ପ୍ରଥମେ ସମ୍ୟକ୍ ଧାରଣା ଦେବା ପାଇଁ ଉଚିତ୍ ମନେ କରୁଛି । ଆପଣମାନେ ରାଜ୍ୟର ସଙ୍କଟମୟ ଆର୍ଥିକ ପରିସ୍ଥିତି ଉପରେ ପ୍ରାୟତଃ ଅବଗତ । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଗୋଟିଏ ରାଜ୍ୟର ରାଜସ୍ୱ ଆୟ, ରାଜସ୍ୱ ଖର୍ଚ୍ଚକୁ ସଂପୂର୍ଣ୍ଣ ରୂପେ ମେଣ୍ଟାଇବା ଦରକାର ବା ରାଜସ୍ୱ ଖର୍ଚ୍ଚଠାରୁ କିଛି ଅଧିକା ହେବା ଉଚିତ୍ । ଯାହା ଫଳରେ, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଯେଉଁ ଋଣ କରାଯାଉଛି ତାହା ସେହି ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇପାରିବ । ମାତ୍ର ଅତୀତରେ, ଏହି ନିରାଟ ସତ୍ୟଟିକୁ ଆମର ଦୈନନ୍ଦିନ ଆର୍ଥିକ ପରିଚାଳନାରେ ସେତେଟା ଗୁରୁତ୍ୱ ଦିଆଯାଇ ନଥିଲା । ଫଳସ୍ୱରୂପ, 1980–81 ଆର୍ଥିକ ବର୍ଷରେ ରାଜସ୍ୱ ଆୟ ଓ ରାଜସ୍ୱ ଖର୍ଚ୍ଚ ମଧ୍ୟରେ ବଳକା 74.50 କୋଟି ଟଙ୍କା ଥିଲା ବେଳେ ଏହା କ୍ରମଶଃ ହ୍ରାସ ପାଇବାକୁ ଲାଗିଲା ଏବଂ 1999–2000 ଆର୍ଥିକ ବର୍ଷରେ ରାଜସ୍ୱ ଆୟ ଓ ରାଜସ୍ୱ ବ୍ୟୟ ମଧରେ ବ୍ୟବଧାନ ବୃଦ୍ଧି ପାଇ ରାଜସ୍ୱ ନିଅଣ୍ଟ ଆଶ୍ଚର୍ଯ୍ୟଜନକ ଭାବରେ 2574.19 କୋଟି ଟଙ୍କାରେ ପହଞ୍ଚିଲା । ମାତ୍ର 2003–04 ବର୍ଷରେ ରାଜସ୍ୱ ନିଅଣ୍ଟ 1420.92 କୋଟି ଟଙ୍କାକୁ ହ୍ରାସ ପାଇଛି । 1999–2000 ବର୍ଷରେ କରାଯାଇଥିବା ଋଣର ପ୍ରାୟ 69 ଶତାଂଶ ସେହି ବର୍ଷର ରାଜସ୍ୱ ନିଅଣ୍ଟ ଭରଣା ବାବଦକୁ ବ୍ୟବହୃତ ହୋଇଥିଲା ଏବଂ ଏହା 2003–04 ମସିହାରେ 29 ଶତାଂଶରେ ସୀମିତ ରହିଛି । ରାଜସ୍ୱ ନିଅଣ୍ଟ ବର୍ଷକୁ ବର୍ଷ ବଢିବା ଫଳରେ ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ କରାଯାଉଥିବା ଋଣରୁ ଅଧିକାଂଶ ଭାଗ ଏହି ରାଜସ୍ୱ ନିଅଣ୍ଟକୁ ଭରଣା କରାଯାଉଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଅର୍ଥର ନିଅଣ୍ଟ ବଢି ବଢି ଚାଲିଛି । ଫଳସ୍ୱରୂପ, 1980–81 ଆର୍ଥିକ ବର୍ଷରେ ପୁଞ୍ଜି ବାବଦକୁ ଖର୍ଚ୍ଚ (Capital Expenditure) ମୋଟ ଖର୍ଚ୍ଚର 21 ଶତାଂଶ ଥିଲା ବେଳେ 1999–2000 ଆର୍ଥିକ ବର୍ଷରେ ଏହା 8 ଶତାଂଶକୁ ଓ 2003–04 ମସିହାରେ

5 ଶତାଂଶକୁ ହ୍ରାସ ପାଇଛି । ରାଜ୍ୟର ସାମଗ୍ରିକ ଆୟକୁ ହିସାବକୁ ନେଲେ ଏହି ପୁଞ୍ଜି ବାବଦକୁ ଖର୍ଚ୍ଚ (Capital Expenditure as percentage of GSDP) 1980–81 ଆର୍ଥିକ ବର୍ଷରେ 5 ଶତାଂଶ ଥିଲା ବେଳେ 1999–2000 ଆର୍ଥିକ ବର୍ଷରେ 2 ଶତାଂଶକୁ ଓ 2003–04 ମସିହାରେ 1.65 ଶତାଂଶକୁ ହ୍ରାସ ପାଇଛି ।

3. ଅପର ପକ୍ଷରେ ରାଜ୍ୟର ଋଣ ଭାର 1980–81 ଆର୍ଥିକ ବର୍ଷରେ ମୋଟ ରାଜସ୍ୱ ଆୟର 206 ଶତାଂଶ ଥିଲା ବେଳେ 1999–2000 ଆର୍ଥିକ ବର୍ଷରେ 308 ଶତାଂଶରେ ପହଞ୍ଚିଥିଲା ଓ 2003–04 ମସିହାରେ 335 ଶତାଂଶରେ ପହଞ୍ଚିଲାଣି । ବର୍ଷକୁ ବର୍ଷ ଏହିପରି ଅଧିକରୁ ଅଧିକ ଋଣ କରାଯାଇ ରାଜସ୍ୱ ନିଅଣ୍ଟକୁ ଭରଣା କରିବା, ପୁଞ୍ଜି ବାବଦକୁ ଖର୍ଚ୍ଚର ପରିମାଣ କମିବା ଏବଂ ଋଣ ଭାର ବର୍ଷକୁ ବର୍ଷ ବଢ଼ିବା ଇତ୍ୟାଦି ଏକ ବିଷମ ଆର୍ଥିକ ଦୁରାବସ୍ଥାର ମୁଖ୍ୟ ଲକ୍ଷଣ (The prominent symptom of serious illness of the fiscal system of the State). 1998–99 ଓ 1999–2000 ଆର୍ଥିକ ବର୍ଷରେ ରାଜ୍ୟର ଆର୍ଥିକ ପରିସ୍ଥିତି ଏପରି ଏକ ଦୁର୍ବିସହ ଆକାର ଧାରଣ କଲା ଯେ ବାଧ୍ୟ ହୋଇ ତତ୍କାଳୀନ କଂଗ୍ରେସ ସରକାର ଓଭରଡ୍ରାଫ୍ଟରୁ ମୁକ୍ତ ହେବା ପାଇଁ ଭାରତ ସରକାରଙ୍କ ସହ 1999 ମସିହା ଏପ୍ରିଲ୍ 15 ତାରିଖରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ବାଧ୍ୟ ହୋଇଥିଲେ । କାରଣ ବିନା ଚୁକ୍ତିନାମାରେ ଭାରତ ସରକାର ସେତେବେଳେ ହୋଇଥିବା 232.45 କୋଟି ଟଙ୍କାର ଓଭରଡ୍ରାଫ୍ଟ ମୁକ୍ତ କରିବା ନିମିତ୍ତ ରାଜ୍ୟକୁ ସାହାଯ୍ୟ କରିବା ପାଇଁ ରାଜି ହୋଇ ନଥିଲେ । ଏହି ଚୁକ୍ତିନାମା ଅନୁଯାୟୀ ରାଜ୍ୟସରକାରଙ୍କୁ ନିର୍ଦ୍ଦିଷ୍ଟ ସମୟ ଭିତ୍ତିକ ରାଜସ୍ୱ ଖର୍ଚ୍ଚ ହ୍ରାସ ଓ ରାଜସ୍ୱ ଆୟ ବୃଦ୍ଧି କରିବାକୁ କୁହାଯାଇଥିଲା ।

4. ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ରାଜ୍ୟରେ ମିଳିତ ଶାସନ ଭାର ଗ୍ରହଣ କଲା ପରେ ରାଜ୍ୟର ଆର୍ଥିକ ପରିସ୍ଥିତି ଉପରେ ଏକ ଅନୁଶୀଳନମୂଳକ ଶ୍ୱେତପତ୍ର ଏହି ମହାନ୍ ଗୃହରେ 2001 ମସିହା ମାର୍ଚ୍ଚ ମାସରେ ଉପସ୍ଥାପନ କରାଯାଇଥିଲା । ତତ୍ପରେ, ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ରାଜ୍ୟ ସରକାର ତା 11.10.2001 ରିଖରେ ଭାରତ ସରକାରଙ୍କ ସହ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତିନାମା ଅନୁସାରେ ରାଜ୍ୟ ସରକାର ରାଜ୍ୟର ରାଜସ୍ୱ ଆୟ ବୃଦ୍ଧି ଏବଂ ରାଜସ୍ୱ ଖର୍ଚ୍ଚ କମାଇବା ନିମନ୍ତେ ଚୁକ୍ତିବଦ୍ଧ ଅଟନ୍ତି ।

5. ଏହି ସରକାର ପ୍ରଥମରୁ ଆର୍ଥିକ ପରିଚାଳନାରେ ଉନ୍ନତି ଆଣିବାକୁ ଅହରହ ଉଦ୍ୟମ ଜାରି ରଖିଛନ୍ତି । ଏହାର ସୁଫଳ ଆସ୍ତେ ଆସ୍ତେ ଉପଲବ୍ଧ ହେବାକୁ ଲାଗିଲାଣି । ଏ ସଂପର୍କରେ ଏଠାରେ ମୁଁ କେତୋଟି ଉଦାହରଣ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଉଚିତ୍ ମନେ କରୁଛି ।

- ରାଜ୍ୟର ନିଜସ୍ୱ ରାଜସ୍ୱ ରାଜ୍ୟର ସାମଗ୍ରିକ ଆୟ୍‌ର (State's own revenue as percentage of GSDP) 1999–2000 ଆର୍ଥିକ ବର୍ଷରେ 6.3 ଶତାଂଶ ଥିଲା ବେଳେ ଏହା 2003–04 ଆର୍ଥିକ ବର୍ଷରେ 8.5 ଶତାଂଶକୁ ବୃଦ୍ଧି ପାଇଛି ।
- ରାଜସ୍ୱ ନିଅଣ୍ଟ 1999–2000 ଆର୍ଥିକ ବର୍ଷରେ 2574.19 କୋଟି ଟଙ୍କା ଥିଲା ବେଳେ ଏହା କ୍ରମଶଃ ହ୍ରାସ ଘଟି 2003–04 ଆର୍ଥିକ ବର୍ଷରେ 1420.92 କୋଟି ଟଙ୍କାକୁ କମିଛି । ରାଜ୍ୟର ସାମଗ୍ରିକ ଆୟ୍‌ର ରାଜସ୍ୱ ନିଅଣ୍ଟ 1999–2000 ଆର୍ଥିକ ବର୍ଷରେ 6.7 ଶତାଂଶ ଥିଲା ବେଳେ ଏହା 2003–04 ଆର୍ଥିକ ବର୍ଷରେ 2.8 ଶତାଂଶକୁ ହ୍ରାସ ପାଇଛି । ବର୍ତ୍ତମାନ ସରକାରଙ୍କର ଏହା ଏକ ଉଲ୍ଲେଖନୀୟ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ ।

ଆର୍ଥିକ ପ୍ରୋତ୍ସାହନ ଅନୁଦାନ

6. ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଯଦି ରାଜ୍ୟମାନେ ତାଙ୍କର ରାଜସ୍ୱ ନିଅଣ୍ଟ ଓ ରାଜସ୍ୱ ଆୟ୍‌ର ଅନୁପାତ ବର୍ଷକୁ 5 ଶତାଂଶ କମାଇ ପାରିବେ ତେବେ ସେହି ରାଜ୍ୟ କେନ୍ଦ୍ରଠାରୁ ଆର୍ଥିକ ପ୍ରୋତ୍ସାହନ ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ମୁଁ ଏଠାରେ ଅତି ନମ୍ରତାର ସହ ପ୍ରକାଶ କରିବାକୁ ଚାହେଁ ଯେ 1999–2000 ଆର୍ଥିକ ବର୍ଷରେ ରାଜସ୍ୱ ନିଅଣ୍ଟ ରାଜସ୍ୱ ଆୟ୍‌ର ଅନୁପାତ 43.7 ଶତାଂଶ ଥିଲା ବେଳେ ଏହି ଅନୁପାତ 2003–04 ଆର୍ଥିକ ବର୍ଷରେ 15.15 ଶତାଂଶକୁ ହ୍ରାସ ପାଇଛି । ଅର୍ଥାତ୍ ଏକାଦଶ ଅର୍ଥ କମିଶନଙ୍କ ସୁପାରିଶର ଲକ୍ଷ୍ୟ ଧାର୍ଯ୍ୟ 5 ଶତାଂଶ ଥିଲା ବେଳେ ରାଜ୍ୟ ସରକାର ଏହି ବାର୍ଷିକ ଅନୁପାତକୁ ହାରାହାରି 7.15 ଶତାଂଶ ହ୍ରାସ କରିବାକୁ ସକ୍ଷମ ହୋଇଛନ୍ତି । ଏହା ଫଳରେ ଆମ ସରକାର କ୍ରମାଗତ ଭାବରେ 2000–01 ଆର୍ଥିକ ବର୍ଷରୁ 2003–04 ଆର୍ଥିକ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କଠାରୁ ମୋଟ 263.73 କୋଟି ଟଙ୍କା ଆର୍ଥିକ ପ୍ରୋତ୍ସାହନ ପାଇଛନ୍ତି । ମୁଁ ଆଶା କରୁଛି ଯେ 2004–05 ଆର୍ଥିକ ବର୍ଷରେ ଏହି ଅନୁପାତକୁ ଆମେ ପୁଣି କମାଇବାକୁ ସକ୍ଷମ ହେବୁ ଏବଂ ଆର୍ଥିକ ପ୍ରୋତ୍ସାହନ ବାବଦକୁ 2005–06 ଆର୍ଥିକ ବର୍ଷରେ ପ୍ରାୟ୍ 52 କୋଟି ଟଙ୍କା ଅନୁଦାନ ମିଳିବ ବୋଲି ଆଶା କରୁଛୁ । ଏଥିପାଇଁ ଆମର ଉଦ୍ୟମ ଜାରି ରହିଛି ।

ଦୈନନ୍ଦିନ ଆର୍ଥିକ ପରିଚାଳନାରେ ଉନ୍ନତି

7. ବାରମ୍ବାର ଓଭରଡ୍ରାଫ୍ଟ ଯୋଗୁ ଅତୀତରେ ଅଧିକାଂଶ ଦିନ ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ କୋଷାଗାର ଗୁଡିକରୁ ଅର୍ଥ ଆହରଣ କରିବା ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । 1999–2000 ଆର୍ଥିକ ବର୍ଷରେ 365 ଦିନ ମଧ୍ୟରୁ ରାଜ୍ୟ ସରକାର 144 ଦିନ ସାଧନୋପାୟ (Ways & Means) ଅଗ୍ରିମରେ ଚଳିଥିଲା ବେଳେ 141 ଦିନ ପାଇଁ ଓଭରଡ୍ରାଫ୍ଟ କରିଥିଲେ । ଏହି ଅବସ୍ଥା କ୍ରମାଗତ ଭାବେ 2003–04 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲାଗି ରହିଥିଲା । 2003–04 ଆର୍ଥିକ ବର୍ଷରେ ରାଜ୍ୟ ସରକାର 152 ଦିନ Ways & Means ଅଗ୍ରୀମ କରିଥିଲା ବେଳେ 171 ଦିନ ଓଭରଡ୍ରାଫ୍ଟ କରିଥିଲେ । ମୁଁ ଏଠାରେ ଅତି

ନମ୍ରତାର ସହ ଘୋଷଣା କରିବାକୁ ଚାହେଁ ଯେ 2004–05 ଆର୍ଥିକ ବର୍ଷରେ ଆର୍ଥିକ ଶୃଙ୍ଖଳାକୁ ଅଧିକ ଦୃଢ଼ିଭୂତ କରିବା ଓ ଦୈନନ୍ଦିନ Ways & Means ପରିଚାଳନାରେ ଉନ୍ନତି ଆଣିବା ଦ୍ୱାରା ବର୍ତ୍ତମାନ ସୁଦ୍ଧା ସରକାର କେବଳ 99 ଦିନ ପାଇଁ Ways & Means ଅଗ୍ରୀମ କରିଥିଲା ବେଳେ <u>ଗୋଟିଏ ଦିନ ବି</u> ଓଭରଡ୍ରାଫ୍ଟ କରିନାହାନ୍ତି । କମ୍ ଦିନ Ways & Means ଅଗ୍ରୀମ ନେଇଥିବାରୁ ଏବଂ ଆଦୌ ଓଭରଡ୍ରାଫ୍ଟ କରି ନଥିବାରୁ ଚଳିତ ଆର୍ଥିକ ବର୍ଷରେ Ways & Means ଅଗ୍ରୀମ ଓ ଓଭରଡ୍ରାଫ୍ଟ ସୁଧ ଦେୟ ବାବଦକୁ ସରକାର 18.54 କୋଟି ଟଙ୍କା savings କରିଥିବା ଏକ ଉଲ୍ଲେଖନୀୟ ସଫଳତା ଅଟେ । ଏହି ଯେଉଁ 18.54 କୋଟି ଟଙ୍କା ସୁଧ ଦେବାକୁ ପଡିଲାନାହିଁ ତାହା ଫଳରେ ରାଜ୍ୟ ସରକାର ହୁଏତ ଏହାଦ୍ୱାରା ତିନୋଟି ମଧ୍ୟମ ଧରଣର ପୋଲ ନିର୍ମାଣ କରିବାକୁ ସକ୍ଷମ ହୋଇପାରିବେ ବା 371 ଗୋଟି ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ କରିବାକୁ ସକ୍ଷମ ହେବେ ।

ଲେଟର ଅଫ୍ କ୍ରେଡିଟ୍

8. ଅପର ପକ୍ଷରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯେପରି ତ୍ୱରାନ୍ୱିତ ହୋଇପାରିବ ସେଥି ନିମିତ୍ତ କାର୍ଯ୍ୟକାରି କରାଯାଉଥିବା ବିଭନ୍ନ ପ୍ରକଳ୍ପ ପାଇଁ ବିଭିନ୍ନ ଇଞ୍ଜିନିୟରିଂ ବିଭାଗମାନଙ୍କୁ 2003–04 ମସିହାରେ ଫେବ୍ରୁଆରୀ ଶେଷ ସୁଦ୍ଧା 1011.23 କୋଟି ଟଙ୍କା ର ଏଲ୍.ସି ଦିଆହୋଇଥିଲା ବେଳେ 2003–04 ଆର୍ଥିକ ବର୍ଷରେ ମାର୍ଚ୍ଚ ଶେଷ ସୁଦ୍ଧା 1291.72 କୋଟି ଟଙ୍କା ଏଲ୍.ସି ଦିଆହୋଇଥିଲା । ଚଳିତ ଆର୍ଥିକ ବର୍ଷ, 2004–05 ଫେବୃଆରୀ ଶେଷ ସୁଦ୍ଧା 1250.09 କୋଟି ଟଙ୍କା ଲେଟର ଅଫ୍ କ୍ରେଡିଟ୍ ଦିଆଯାଇଥିଲା ବେଳେ 2.3.2005 ସୁଦ୍ଧା 1573.95 କୋଟି ଟଙ୍କାର Letter of Credit ଦିଆସରିଲାଣି । ଯେପରି କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ନହୁଏ ସେଥି ନିମିତ୍ତ ଅର୍ଥ ବିଭାଗ Letter of Credit ଦେବାରେ ଓ କୋଷାଗାର ଗୁଡିକରୁ ଅର୍ଥ ଆହରଣ କରିବା କ୍ଷେତ୍ରରେ କୌଣସି କଟକଣା ଜାରି କରିନାହାନ୍ତି । ଅପରନ୍ତୁ, ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଅର୍ଥ ଆହରଣରେ ଯେପରି ଅସୁବିଧା ନହୁଏ ସେଥି ନିମିତ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

କେନ୍ଦ୍ରୀୟ ସହାୟତାର ବିନିଯୋଗ ପତ୍ର ଦାଖଲ

9. ଅତୀତରେ କେନ୍ଦ୍ରୀୟ ଅନୁଦାନ ଅଣାଯାଇ ବର୍ଷ ବର୍ଷ ଧରି ପଡି ରହୁଥିଲା ଏବଂ ଠିକ୍ ସମୟରେ ଖର୍ଚ୍ଚ ହେଉ ନଥିଲା ବା ଯଦି ଖର୍ଚ୍ଚ ହେଉଥିଲା ତାହାର ବିନିଯୋଗ ପତ୍ର ଠିକ୍ ସମୟରେ ଦିଆଯାଉ ନଥିଲା । ମାତ୍ର ଆମ ସରକାର କେନ୍ଦ୍ରୀୟ ଅନୁଦାନକୁ ଠିକ୍ ସମୟରେ ଓ ଉପଯୁକ୍ତ କ୍ଷେତ୍ରରେ ବିନିଯୋଗ କରି ଠିକ୍ ସମୟରେ ବିନିଯୋଗ ପତ୍ର ଦାଖଲ କରିବା ନିମିତ୍ତ ଅହରହ ଉଦ୍ୟମ ଜାରି ରଖିଛନ୍ତି । ଫଳସ୍ୱରୂପ, 2000–01 ଆର୍ଥିକ ବର୍ଷରେ 534.00 କୋଟି ଟଙ୍କାର ବିନିଯୋଗ ପତ୍ର ଦିଆଯାଇଥିଲା ବେଳେ ଏହାର ପରିମାଣ 2001–02 ଆର୍ଥିକ ବର୍ଷରେ 615.00 କୋଟି ଟଙ୍କା, 2002–03 ରେ 1151.00 କୋଟି ଟଙ୍କା ଓ 2003–04 ରେ 1465.04 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ଚଳିତ ଆର୍ଥିକ ବର୍ଷରେ ଏ ବିଷୟରେ ତୀକ୍ଷ୍ଣ ଦୃଷ୍ଟି ଦେବା ଓ ସମୀକ୍ଷା କରିବା ଫଳରେ ବର୍ତ୍ତମାନ <u>ସୁଦ୍ଧା ପ୍ରାୟ 2234.00</u> କୋଟି

ଟଙ୍କାର ବିନିଯୋଗ ପତ୍ର ଦାଖଲ କରାଯାଇ ସାରିଲାଣି । ଠିକ୍ ସମୟରେ ବିନିଯୋଗ ପତ୍ର ଦାଖଲ କରିବା ଦ୍ୱାରା କେନ୍ଦ୍ରୀୟ ଅନୁଦାନ ମିଳିବାରେ ଯେଉଁ ବିଳମ୍ବ ହେଉଥିଲା ତାହା ଅନେକ ପରିମାଣରେ ଦୂର ହୋଇପାରିଛି, ଏବଂ ଏହା ଚଳିତ ଆର୍ଥିକ ବର୍ଷରେ ଦୈନନ୍ଦିନ Ways and Means ପରିଚାଳନାରେ କିଛି ପରିମାଣରେ ସାହାଯ୍ୟ କରିଛି ।

ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ଆଦାୟରେ ଉନ୍ନତି

10. ବିଗତ ବର୍ଷ ତୁଳନାରେ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ଆୟ ଯେପରି ବୃଦ୍ଧି ପାଇବ ସେଥି ନିମିତ୍ତ ରାଜ୍ୟ ସରକାର କଡାକଡି ପଦକ୍ଷେପ ଗ୍ରହଣ କରିଛନ୍ତି । ଫଳସ୍ୱରୂପ 2005 ମସିହା ଜାନୁଆରୀ ସୁଦ୍ଧା ରାଜ୍ୟର ଟିକସ ବାବଦକୁ ପ୍ରାୟ 3048.00 କୋଟି ଟଙ୍କା ଓ ଅଣଟିକସ ବାବଦକୁ ପ୍ରାୟ 911.00 କୋଟି ଟଙ୍କା ଏହିପରି ମୋଟ 3959.00 କୋଟି ଟଙ୍କା ଆଦାୟ ହୋଇପାରିଛି । ଏହା ବିଗତ ବର୍ଷ ଜାନୁଆରୀ ସୁଦ୍ଧା ଆଦାୟ ହୋଇଥିବା ନିଜସ୍ୱ ଟିକସ ଉପରେ 27 ଶତାଂଶ ବୃଦ୍ଧି ହୋଇଥିଲା ବେଳେ, ଟିକସ ଓ ଅଣଟିକସକୁ ମିଶାଇ ଏହି ବୃଦ୍ଧି ହାର ପ୍ରାୟ 29 ଶତାଂଶ ହୋଇଛି । କେତେକ ବିଭାଗ ରାଜସ୍ୱ ଆଦାୟରେ ଟିକିଏ ପଛରେ ପଡିନଥିଲେ ଏହି ବୃଦ୍ଧିର ହାର ଆହୁରି ଅଧିକ ହୋଇ ପାରିଥାଆନ୍ତା । ଏଥି ପାଇଁ ସଂପୃକ୍ତ ବିଭାଗ ଗୁଡିକ ଉଦ୍ୟମ ଜାରି ରଖିଛନ୍ତି ।

ଋଣ ପ୍ରତିବଦଳ (Debt Swapping)

11. ରାଜସ୍ୱ ଖର୍ଚ୍ଚ ହ୍ରାସ, ରାଜସ୍ୱ ଆୟ ବୃଦ୍ଧି ଓ ବିନିଯୋଗ ପତ୍ର ଦାଖଲ ପାଇଁ ରାଜ୍ୟ ସରକାର ଯଥା ସମ୍ଭବ ଚେଷ୍ଟା କରିଥିଲେ ମଧ୍ୟ ବିଗତ ବର୍ଷ ମାନଙ୍କରେ ଯେଉଁ ଋଣ କରାଯାଇଛି ତାହା ଆମ ସମ୍ମୁଖରେ ଏକ ବିରାଟ ସମସ୍ୟା ହୋଇ ଦେଖାଯାଇଛି । ତା 31.3.2004 ରିଖ ସୁଦ୍ଧା ରାଜ୍ୟର ମୋଟ ଋଣ ଭାର 31,634.00 କୋଟି ଟଙ୍କାରେ ପହଞ୍ଚିଛି ଯାହାକି ରାଜ୍ୟର ସାମଗ୍ରିକ ଆୟର 61 ଶତାଂଶ ଓ ରାଜ୍ୟର ମୋଟ ରାଜସ୍ୱର 335 ଶତାଂଶ ଅଟେ । 2003–04 ବର୍ଷରେ ମୋଟ ରାଜସ୍ୱ ଆୟର 30.3 ଶତାଂଶ ସୁଧ ବାବଦକୁ ବ୍ୟବହୃତ ହେଉଥିଲା ବେଳେ ଏହା ରାଜ୍ୟର ସାମଗ୍ରୀକ ଆୟର ପ୍ରାୟ 5.5 ଶତାଂଶ ଅଟେ । ବର୍ତ୍ତମାନ ରାଜ୍ୟର ଋଣ ଭାର ଏକ ଘୋର ଚିନ୍ତାର ବିଷୟ ହୋଇଛି (This is simply un-sustainable) । ସାଧାରଣତଃ ଋଣର ଭାର ରାଜସ୍ୱ ଆୟର 300 ଶତାଂଶ ବା ସାମଗ୍ରୀକ ଆୟର (GSDP) 20 ରୁ 25 ଶତାଂଶ ମଧ୍ୟରେ ସୀମାବଦ୍ଧ ରହିବା ଉଚିତ୍ । ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ୍ ଅନୁସାରେ ସୁଧ ଦେୟ ମୋଟ ରାଜସ୍ୱ ଆୟର 18 ରୁ 20 ଶତାଂଶ ମଧ୍ୟରେ ରହିବା ଉଚିତ୍ । ଅତ୍ୟଧିକ ଋଣ ବୋଝ ଯୋଗୁ କ୍ରମ ବର୍ଦ୍ଧିଷ୍ଣୁ ସୁଧ ଦେୟକୁ ଲାଘବ କରିବା ନିମିତ୍ତ ରାଜ୍ୟ ସରକାର ଉଚ୍ଚ ଦରରେ ଆଣିଥିବା ଋଣକୁ ସ୍ୱଳ୍ପ ସୁଧ ହାରରେ ଋଣ ଆଣି ପରିଶୋଧ କରିବାକୁ ଚେଷ୍ଟା କରୁଅଛନ୍ତି । 2002–03 ଆର୍ଥିକ ବର୍ଷରେ ରାଜ୍ୟ ସରକାର 474.56 କୋଟି ଟଙ୍କା, 2003–04 ରେ 863.79 କୋଟି ଟଙ୍କା ଓ 2004–05 ଆର୍ଥିକ ବର୍ଷରେ ପ୍ରାୟ 1153 କୋଟି ଟଙ୍କାର ଉଚ୍ଚ ସୁଧ ହାରରେ ଅଣାଯାଇଥିବା ଋଣ ପରିଶୋଧ କରିଅଛନ୍ତି । ଏହା ଫଳରେ Interest Relief ବାବଦକୁ 2002–03 ଆର୍ଥିକ ବର୍ଷରେ

33 କୋଟି ଟଙ୍କା, 2003–04 ବର୍ଷରେ ଏହା ବୃଦ୍ଧି ପାଇ 62 କୋଟି ଟଙ୍କା ଓ 2004–05 ଆର୍ଥିକ ବର୍ଷରେ ପ୍ରାୟ 50 କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି ।

ଆର୍ଥିକ ଅଭିବୃଦ୍ଧି (GSDP Growth)

12. ନବମ ପଞ୍ଚବାର୍ଷିକ ଯୋଜନା କାଳରେ ରାଜ୍ୟର ସାମଗ୍ରିକ ଆୟ (GSDP) 1993–94 ମୂଲ୍ୟ (Price) ଅନୁସାରେ 5.62 ବୃଦ୍ଧି ହୋଇଥିବା ସ୍ଥଳେ ଦଶମ ପଞ୍ଚବାର୍ଷିକ ଯୋଜନା ପାଇଁ ଏହି ବୃଦ୍ଧିର ହାର 6.2 ଶତାଂଶ ହେବା ଦରକାର ବୋଲି ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । 1993–94 Price ଅନୁସାରେ GSDP ବୃଦ୍ଧିର ହାର 2002–03 ଆର୍ଥିକ ବର୍ଷରେ 0.53 ଥିଲା ବେଳେ 2003–04 ଆର୍ଥିକ ବର୍ଷରେ ଏହି ବୃଦ୍ଧିର ହାର 10.63କୁ ବୃଦ୍ଧି ପାଇଛି । ତେଣୁ ଦଶମ ପଞ୍ଚବାର୍ଷିକ ଯୋଜନାର ପ୍ରଥମ 2 ବର୍ଷ ହିସାବକୁ ନେଲେ GSDP ବୃଦ୍ଧିର ହାର ବର୍ଷକୁ ହାରାହାରି 5.58 ରେ ପହଞ୍ଚିଛି । ଦଶମ ପଞ୍ଚବାର୍ଷିକ ଯୋଜନା ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଆମେ ସମସ୍ତେ ଚେଷ୍ଟା କଲେ ଏହି ଲକ୍ଷ୍ୟ ହାସଲ ହୋଇପାରିବ,ନଚେତ୍ ଓଡିଶା ପଛରେ ପଡିଯିବ ।

13. ବିଗତ ବର୍ଷ ଗୁଡିକରେ ଆର୍ଥିକ ସଙ୍କଟ ଅତି ତୀବ୍ର ରୂପ ଧାରଣ କରିଥିଲା । 4 ରୁ 5 ବର୍ଷ ମଧ୍ୟରେ ଏହି ଅଧୋଗତିକୁ କିଛି ପରିମାଣରେ କମାଇବାକୁ ଆମର ପ୍ରିୟ ନେତା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯଥାସାଧ୍ୟ ଉଦ୍ୟମ କରାଯାଇଛି । ଆର୍ଥିକ ପରିଚାଳନାର ଉନ୍ନତି ଦିଗରେ ଯାହାକିଛି ସଫଳତା ମିଳିଛି ସେଥିପାଇଁ ଏହି ଗୃହର ଉଭୟ ମାନ୍ୟବର ଶାସକ ଓ ବିରୋଧୀଦଳ ସଭ୍ୟ, ଜନସାଧାରଣ, ସରକାରୀ କର୍ମଚାରୀ, ଗଣ ମାଧ୍ୟମ ପ୍ରତିନିଧି, ଅର୍ଥ ନୀତିଜ୍ଞ, ଶିକ୍ଷାବିତ୍ ଓ ବିଭିନ୍ନ ଶିଳ୍ପ ବ୍ୟବସାୟୀ ସଂଗଠନ ମାନଙ୍କ ସହଯୋଗ ଯୋଗୁଁ ସମ୍ଭବ ହୋଇଛି । ସେଥିପାଇଁ ମୁଁ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛି ।

14. ଅନ୍ୟ ପକ୍ଷରେ ମୁଁ ଏଠାରେ ସ୍ପଷ୍ଟ କରାଇଦେବାକୁ ଚାହେଁ ଯେ ବର୍ତ୍ତମାନ ଆର୍ଥିକ ପରିଚାଳନାରେ ଯାହାକିଛି ଉନ୍ନତି ବିଧାନ କରାଯାଇଛି ତାହା ଆଦୌ ଯଥେଷ୍ଟ ନୁହେଁ । ଏଥିରେ ଆତ୍ମସନ୍ତୋଷର କୌଣସି ସ୍ଥାନ ନାହିଁ । ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଆମକୁ ବହୁତ ଦୂର ଆଗେଇବାକୁ ପଡିବ । ସେଥିନିମିତ୍ତ ଯେପରି ଅଣ ଉତ୍ପାଦନ ରାଜସ୍ୱ ଖର୍ଚ୍ଚ କମିବ, ରାଜସ୍ୱ ଆୟ ବୃଦ୍ଧି ପାଇବ, ଋଣ ବୋଝ ଯେଉଁ ମାତ୍ରାରେ ବଢିଚାଲିଛି ତାହାକୁ ଯେପରି ଆସ୍ତେ ଆସ୍ତେ ସୀମିତ କରାଯିବ, ସେଥିନିମିତ୍ତ ଏକ ମଧ୍ୟବର୍ତ୍ତୀ କାଳୀନ ଆର୍ଥିକ ଯୋଜନା (Medium Term Fiscal Plan), 2002–03 ଠାରୁ 2007–08 ପର୍ଯ୍ୟନ୍ତ ପ୍ରସ୍ତୁତ କରାଯାଇ ଏହି ମହାନ ଗୃହରେ 07.08.04 ତାରିଖରେ ଉପସ୍ଥାପନ କରାଯାଇଛି । ଏହି ମଧ୍ୟବର୍ତ୍ତୀ କାଳୀନ ଆର୍ଥିକ ଯୋଜନା ଅନୁସାରେ ରାଜସ୍ୱ ନିଅଣ୍ଟ, ବିତ୍ତୀୟ ନିଅଣ୍ଟ ବର୍ଷକୁ ବର୍ଷ କେଉଁ ପରିମାଣରେ ହ୍ରାସ ପାଇବ ଏବଂ ଦରମା ଓ ପେନ୍ସନ୍ ବାବଦରେ ଖର୍ଚ୍ଚ କିପରି ରାଜସ୍ୱ ଆୟକୁ ଆଖିରେ ରଖି ସୀମାବଦ୍ଧ କରାଯିବ ସେଥିପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

15. ଭାରତ ସରକାରଙ୍କ ଜରିଆରେ ଆମକୁ ବିଭିନ୍ନ ବୈଦେଶିକ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ଗୁଡିକ ପାଇଁ ଯେଉଁ ସାହାଯ୍ୟ ମିଳିବ ତାହା ଆର୍ଥିକ ମାନଦଣ୍ଡର ଲକ୍ଷ୍ୟ (Target of Fiscal Parameters ) ହାସଲ ଉପରେ ନିର୍ଭର କରୁଛି । ଆମେ ଯଦି କହି ଚାଲିଥିବା ଯେ ଓଡିଶା ଗରିବ ରାଜ୍ୟ, ଆମେ ସବୁ ଗରିବ, ଏଥିପାଇଁ ଆମକୁ କେହି ଆର୍ଥିକ ସାହାଯ୍ୟ ଦେବେନାହିଁ । ଆମ ରାଜ୍ୟ ଦରିଦ୍ର ନୁହେଁ । ଆମର ମାନସିକ ଦାରିଦ୍ର୍ୟତା ହିଁ ଆମର ପ୍ରଗତିର ପ୍ରତିବନ୍ଧକ । ତେଣୁ ଏହି ମାନସିକ ଦାରିଦ୍ର୍ୟତାକୁ ଦୂର କରି କାର୍ଯ୍ୟକ୍ଷମ ହେବାର ଦକ୍ଷତା ପ୍ରଦର୍ଶନ ଉପରେ ଆର୍ଥିକ ସାହାଯ୍ୟ ନିର୍ଭର କରୁଛି । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ, 2004–05 ମସିହା ପାଇଁ ଯଦିଓ ରାଜ୍ୟ ଯୋଜନା ବାବଦକୁ ରାଜ୍ୟ ସରକାର 3250 କୋଟି ଟଙ୍କା ବ୍ୟୟ ଅଟକଳ କରି ଅନୁମୋଦନ ପାଇଁ ଯୋଜନା କମିଶନଙ୍କ ପାଖରେ ଉପସ୍ଥାପନ କରିଥିଲେ, ଯୋଜନା କମିଶନ 2004 ମସିହା ଫେବ୍ରୁୟାରୀ ମାସରେ ପ୍ରଥମେ ଏହାକୁ ପ୍ରାୟ 1300 କୋଟି ଟଙ୍କା ହେବବୋଲି ଦର୍ଶାଇଥିଲେ । ତତ୍ ପରେ ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାର ନେଇଥିବା ଅର୍ଥନୈତିକ ସଂସ୍କାର କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ସମୟରେ କ୍ରମାଗତ ଭାବେ ମାନ୍ୟବର କେନ୍ଦ୍ର ଅର୍ଥମନ୍ତ୍ରୀ ଓ ଯୋଜନା କମିଶନ ଉପାଧ୍ୟକ୍ଷଙ୍କୁ ଅବଗତ କରାଇବା ପରେ କେନ୍ଦ୍ର ସରକାର ବିଶ୍ୱ ବ୍ୟାଙ୍କରୁ Structural Adjustment Loan ଓ DFID ରୁ Public Sector Enterprises Reform Programme ପାଇଁ ଅନୁଦାନ ନିମିତ୍ତ ସୁପାରିଶ କରିଥିଲେ । ଏହା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ କ୍ଷେତ୍ରରୁ କେନ୍ଦ୍ରୀୟ ସାହାଯ୍ୟକୁ ବୃଦ୍ଧି କରିବା ପାଇଁ ସହମତି ପ୍ରଦାନ କରିଥିଲେ । ଫଳସ୍ୱରୂପ, ଫେବ୍ରୁଆରୀ 2004 ମସିହାରେ 2004–05 ଆର୍ଥିକ ବର୍ଷରେ ଯୋଜନା ପାଇଁ ସମ୍ବଳ ଆକଳନ ପ୍ରାୟ 1300 କୋଟି ଟଙ୍କା ହେବ ବୋଲି ସ୍ଥିର ହୋଇଥିବା ବେଳେ ଫେବ୍ରୁଆରୀ 2005 ମସିହାରେ 2004–05 ଆର୍ଥିକ ବର୍ଷ ପାଇଁ ଏହା 2587.57 କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଯୋଜନା କମିଶନ ସୂଚାଇଛନ୍ତି । ସେହିପରି 2005–06 ଆର୍ଥିକ ବର୍ଷ ପାଇଁ 2004 ମସିହା ନଭେମ୍ବର ମାସରେ ଅଫିସରସ୍ତରୀୟ ଆଲୋଚନା ବେଳେ ରାଜ୍ୟର ସମ୍ବଳ ଆକଳନ 2534.67 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ବେଳେ ରାଜ୍ୟ ସରକାର 2005–06 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନା ଅଟକଳ ନିହାତି କମରେ 2800 କୋଟି ଟଙ୍କା ହେବ ବୋଲି ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଯୋଜନା କମିଶନ ଉପାଧ୍ୟକ୍ଷ ଶ୍ରୀ ମଣ୍ଟେକସିଂ ଆଲୁୱାଲିଆଙ୍କ ଚଳିତବର୍ଷ ଫେବ୍ରୁଆରୀ ପ୍ରଥମ ସପ୍ତାହରେ ଓଡିଶା ଗସ୍ତ ଅବସରରେ ରାଜ୍ୟ ସରକାର ନେଇଥିବା ଅର୍ଥନୈତିକ ସଂସ୍କାର ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ତାଙ୍କୁ ଅବଗତ କରାଯାଇଥିଲା ଏବଂ ରାଜ୍ୟର ଦ୍ରୁତ ଉନ୍ନତି ନିମନ୍ତେ ଯୋଜନା କମିଶନଙ୍କ ସାହାଯ୍ୟ ଓ ସହଯୋଗ ନିହାତି ଆବଶ୍ୟକ ବୋଲି ଦୃଢଦାବୀ ଉପସ୍ଥାପନ କରାଯାଇଥିଲା । ଯୋଜନା କମିଶନଙ୍କ ମାନ୍ୟବର ଉପାଧ୍ୟକ୍ଷ ଆମ ଦେଶର ଜଣେ ଖ୍ୟାତି ସମ୍ପନ୍ନ ଅର୍ଥନୀତିଜ୍ଞ ।

ରାଜ୍ୟ ସରକାର ନେଇଥିବା ବିଭିନ୍ନ ଅର୍ଥନୈତିକ ସଂସ୍କାର କାର୍ଯ୍ୟକ୍ରମ ଓ ରାଜ୍ୟର ଦ୍ରୁତ ଉନ୍ନତି ପାଇଁ ସରକାର ନେଇଥିବା ବିଭିନ୍ନ ପଦକ୍ଷେପକୁ ନିଜ ଆଖିରେ ଦେଖି ମାନ୍ୟବର ଉପାଧ୍ୟକ୍ଷ ସେଥିରେ ସନ୍ତୋଷ ପ୍ରକାଶ କରିଥିଲେ । ଗତ ତା 16.2.2005 ରିଖରେ 2005–06 ଆର୍ଥିକ ବର୍ଷର ଯୋଜନା ରୂପରେଖ ଚୂଡାନ୍ତ ହେବା ପାଇଁ ଅନୁଷ୍ଠିତ ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ଯୋଜନା ବ୍ୟୟ 2800.00 କୋଟି ଟଙ୍କାରୁ 3000.00 କୋଟି ଟଙ୍କା ହେବା ଆବଶ୍ୟକ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ ଏବଂ ମାନ୍ୟବର ଯୋଜନା କମିଶନଙ୍କ ଉପାଧ୍ୟକ୍ଷ ରାଜ୍ୟ ସରକାର ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ କମିଶନର ଅନ୍ୟାନ୍ୟ ସଦସ୍ୟମାନଙ୍କୁ ଅବଗତ କରିବା ସଙ୍ଗେ ସଙ୍ଗେ ଓଡିଶାର ଯୋଜନା ବ୍ୟୟ ବରାଦ 3000.00 କୋଟି ଟଙ୍କା ହେବା ଉଚିତ୍ ବୋଲି ମତପୋଷଣ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ଗ୍ରହଣ କରିନେଇଥିଲେ । ଯଦି ରାଜ୍ୟ ସରକାର ଠିକ୍ ଭାବରେ ଆର୍ଥିକ ପରିଚାଳନା ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପାଇଁ ଉଦ୍ୟମ କରି ନଥାନ୍ତେ, ତେବେ ମାନ୍ୟବର ଯୋଜନା କମିଶନଙ୍କ ଉପାଧ୍ୟକ୍ଷ ଓଡିଶାର ପ୍ରସ୍ତାବକୁ ତତ୍କ୍ଷଣାତ୍ ଗ୍ରହଣ କରି ନଥାନ୍ତେ । ତେଣୁ ଆମର କାର୍ଯ୍ୟ ଦକ୍ଷତା ଓ ନିଷ୍ଠା ଉପରେ ସବୁକିଛି ନିର୍ଭର କରେ । ଖାଲି ଆମକୁ ଆର୍ଥିକ ସାହାଯ୍ୟ ଦିଅ ବୋଲି କହିଲେ କେହି ଶୁଣିବେ ନାହିଁ, ଆମେ ଆମର କାର୍ଯ୍ୟ ଦକ୍ଷତା ବଳରେ ଅଧିକ କେନ୍ଦ୍ରୀୟ ସହାୟତା ପାଇବା ପାଇଁ ହକ୍ ଦାବୀ ଉପସ୍ଥାପନ କରିବା ଦରକାର । We should argue our case from position of strength rather than pleading our case from a position of weakness.

2004-05 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ

16. ବର୍ତ୍ତମାନ 2004–05 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଉପରେ ମୋର ବକ୍ତବ୍ୟ ରଖିବାକୁ ଚାହୁଁଛି । ମୁଁ ଆଗରୁ କହିଛି 2004–05 ଆର୍ଥିକ ବର୍ଷ ପାଇଁ ଯୋଜନା କମିଶନ ସମ୍ବଳର ଅଟକଳ 2587.57 କୋଟି ଟଙ୍କା ହେବ ବୋଲି 14.02.2005 ତାରିଖରେ ରାଜ୍ୟ ସରକାରଙ୍କୁ ଜଣାଇଅଛନ୍ତି। କିନ୍ତୁ ଏଥିରେ ବୈଦେଶିକ ସାହାଯ୍ୟପ୍ରାପ୍ତ ବହିଃ ପ୍ରକଳ୍ପ ପାଇଁ 900 କୋଟି ଟଙ୍କା ଅତିରିକ୍ତ କେନ୍ଦ୍ରୀୟ ସହାୟତା ଅନ୍ତର୍ଭୁକ୍ତ । ମାତ୍ର କେତେଗୁଡିଏ ପ୍ରକଳ୍ପର କାର୍ଯ୍ୟକାରିତାର ସମୟ ପୁରିଯାଉଥିବାରୁ ଏବଂ କେତେ କ୍ଷେତ୍ରରେ ବିଭିନ୍ନ କାରଣରୁ ଖର୍ଚ୍ଚ ଆଶାନୁରୂପ ହୋଇ ନଥିବାରୁ ଏ ବାବଦକୁ କେନ୍ଦ୍ରୀୟ ସହାୟତା ପ୍ରାୟ 330 ରୁ 340 କୋଟି ଟଙ୍କା (337.57 କୋଟି ଟଙ୍କା) କମିଯିବାର ସମ୍ଭାବନା ଅଛି । ଏ କ୍ଷେତ୍ରରେ 2004–05 ଆର୍ଥିକ ବର୍ଷର ଯୋଜନା ବ୍ୟୟ ପାଇଁ ସମ୍ବଳର ପରିମାଣ ପ୍ରାୟ 2250 କୋଟି ଟଙ୍କା ମଧ୍ୟରେ ସୀମିତ ରହିବା କଥା । କିନ୍ତୁ 2004–05 ମୂଳ ବଜେଟ ତୁଳନାରେ ରାଜ୍ୟର ନିଜସ୍ୱ ସମ୍ବଳ ପ୍ରାୟ 250 କୋଟି ଟଙ୍କା ଅଧିକା ବିଭିନ୍ନ ସୂତ୍ରରୁ ମିଳିବ ବୋଲି ଆକଳନ କରାଯାଇଛି । ତେଣୁ ରାଜ୍ୟ ଯୋଜନାର ବ୍ୟୟ ବରାଦ ସଂଶୋଧିତ ଅଟକଳ 2500 କୋଟି ଟଙ୍କାରେ

ରଖାଯିବା ପାଇଁ ସ୍ଥିର କରାଯାଇଛି । ଯୋଜନା କମିଶନ ମଧ୍ୟ 2004–05 ମସିହା ପାଇଁ ଯୋଜନାର ଆକାର 2500 କୋଟି ଟଙ୍କା ହେବ ବୋଲି ଅନୁମୋଦନ କରିଛନ୍ତି ।

2005–06 ଆର୍ଥିକ ବର୍ଷ ପାଇଁ ବଜେଟ

17. ଏହି ବଜେଟ୍ ପ୍ରଣୟନ କଲା ସମୟରେ ମୁଁ ଯେଉଁ ମୂଳ ଲକ୍ଷ୍ୟକୁ ପ୍ରାଥମିକତା ଦେଇଛି ତାହା ସମ୍ପର୍କରେ ପ୍ରଥମେ ଏଠାରେ ସୂଚନା ଦେବା ପ୍ରାସଙ୍ଗିକ ମନେକରୁଛି ।

କ) ଆର୍ଥିକ ସଂସ୍କାର ତଥା ଅଣ ଉତ୍ପାଦନ ଖର୍ଚ୍ଚ ହ୍ରାସ ଓ ଅଧିକ ସମ୍ବଳ ସଂଗ୍ରହ

ଖ) ଶିଳ୍ପ, କୃଷି ଓ ଭିତ୍ତିଭୂମିର ବିକାଶ

ଗ) ସାମାଜିକ ସୁରକ୍ଷା ବ୍ୟବସ୍ଥାର ସଂପ୍ରସାରଣ

ଘ) ରାଜ୍ୟର ମୁଣ୍ଡପିଛା ଆୟ ବୃଦ୍ଧି

18. ମଧ୍ୟବର୍ତ୍ତୀକାଳୀନ ଆର୍ଥିକ ଯୋଜନା (Medium Term Fiscal Plan) ଏହି ମହାନ୍ ଗୃହରେ ତା 7.8.2004 ରିଖରେ ଉପସ୍ଥାପନ କରାଯାଇଥିଲା ଏବଂ ଏହାର ଗୁରୁତ୍ୱ ମୁଁ ଆଗରୁ ସୂଚାଇ ସାରିଛି । 2005–06 ଆର୍ଥିକ ବର୍ଷ ପାଇଁ ଆକଳନ କରାଯାଇଥିବା ଆୟ ଓ ବ୍ୟୟ ମୋଟା ମୋଟି ଭାବେ ମଧ୍ୟବର୍ତ୍ତୀକାଳୀନ ଆର୍ଥିକ ଯୋଜନାକୁ ଆଖି ଆଗରେ ରଖି କରାଯାଇଛି । ଏଥିରେ

- ରାଜ୍ୟର ନିଜସ୍ୱ ଟିକସ ବାବଦକୁ 4010.02 କୋଟି ଟଙ୍କା,
- ଅଣଟିକସ ବାବଦକୁ 1061.26 କୋଟି ଟଙ୍କା,
- କେନ୍ଦ୍ରୀୟ ଟିକସର ରାଜ୍ୟ ଅଂଶ ବାବଦକୁ 4160.14 କୋଟି ଟଙ୍କା
- ଅଣଯୋଜନା ଅନୁଦାନ ବାବଦକୁ 905.32 କୋଟି ଟଙ୍କା ଆକଳନ କରାଯାଇଛି ।

ଏହି ଆକଳନ ଯୋଜନା କମିଶନଙ୍କ ସହ ବିଚାର ବିମର୍ଶ ପରେ ବର୍ତ୍ତମାନ ରଖାଯାଇଛି ।

19. 2004–05 ଆର୍ଥିକ ବର୍ଷ ପାଇଁ ସଂଶୋଧିତ ଅଟକଳ ଅନୁଯାୟୀ ଅଣଯୋଜନା ରାଜସ୍ୱ ଖର୍ଚ୍ଚ 11,661.26 କୋଟି ଟଙ୍କା ରଖାଯାଇଥିଲା ବେଳେ 2005–06 ଆର୍ଥିକ ବର୍ଷ ପାଇଁ ଅଣଯୋଜନା ରାଜସ୍ୱ ଖର୍ଚ୍ଚ 11,467.75 କୋଟି ଟଙ୍କାରେ ସୀମିତ ହେବ ବୋଲି ଯୋଜନା କମିଶନଙ୍କ ପରାମର୍ଶ କ୍ରମେ ଆକଳନ କରାଯାଇଛି । ଅଣଯୋଜନା ରାଜସ୍ୱ ଖର୍ଚ୍ଚ 11,467.75 କୋଟି ଟଙ୍କା ମଧ୍ୟରୁ

- ସୁଧ ଦେୟ ବାବଦକୁ 3715.08 କୋଟି ଟଙ୍କା,
- ପେନସନ୍ ବାବଦକୁ 1772.12 କୋଟି ଟଙ୍କା,
- ରିଲିଫ ଖର୍ଚ୍ଚ ବାବଦକୁ 339.83 କୋଟି ଟଙ୍କା,
- ଦରମା ଓ ଶିକ୍ଷାନୁଷ୍ଠାନ ମାନଙ୍କୁ ଅନୁଦାନ ବାବଦକୁ ପ୍ରାୟ 3824 କୋଟି ଟଙ୍କା (ଯୋଜନାକୁ ଛାଡି)

- ରାଜ୍ୟ ସରକାର ଦେଉଥିବା ବାର୍ଦ୍ଧକ୍ୟ ଭତ୍ତା ଦେୟ ବାବଦକୁ 81 କୋଟି ଟଙ୍କା,
- ବିକଳାଙ୍ଗ ବ୍ୟକ୍ତିଙ୍କ ପାଇଁ ପେନସନ ବାବଦକୁ 15.80 କୋଟି ଟଙ୍କା,
- ରାସ୍ତା, କୋଠାବାଡି, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ, ବନ୍ୟା ନିୟନ୍ତ୍ରଣ ଇତ୍ୟାଦି ସମ୍ପତ୍ତିଗୁଡିକର ରକ୍ଷଣାବେକ୍ଷଣ ପାଇଁ 619.67 କୋଟି ଟଙ୍କା,
- ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପେନ୍‌ସନ୍ ବାବଦକୁ 4.35 କୋଟି ଟଙ୍କା ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ ।

2005–06 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନା ବାବଦକୁ ସମ୍ବଳ ଆକଳନ

20. ରାଜ୍ୟ ଯୋଜନା ବାବଦକୁ ସମ୍ବଳ ଆକଳନ କଲା ବେଳେ ପ୍ରଥମେ ଅଣଯୋଜନା ବାବଦକୁ ଆୟ ଓ ବ୍ୟୟ ହିସାବକୁ ନିଆଯାଇଥାଏ । ଅଣଯୋଜନା ରାଜସ୍ୱ ଖର୍ଚ୍ଚ ମଧ୍ୟରେ ମୁଖ୍ୟତଃ ରାଜ୍ୟ ସରକାରୀ କର୍ମଚାରୀମାନଙ୍କର ଦରମା ଓ ଭତ୍ତା, ବେସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକ ପାଉଥିବା ଅନୁଦାନ, ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନସନ୍ ଓ ଋଣ ଉପରେ ସୁଧ ଦେୟ ଅନ୍ତର୍ଭୁକ୍ତ । ଏହି ତିନୋଟି ବାବଦକୁ ଖର୍ଚ୍ଚ ମୋଟ ଅଣଯୋଜନା ରାଜସ୍ୱ ଖର୍ଚ୍ଚର ପ୍ରାୟ 87 ରୁ 90 ଶତାଂଶ ଅଟେ । ତେଣୁ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ଆୟ, କେନ୍ଦ୍ରୀୟ ଟିକସରୁ ମିଳୁଥିବା ରାଜ୍ୟକୁ ଅଂଶଧନ ଓ ଅନ୍ୟାନ୍ୟ ବାବଦକୁ ମିଳୁଥିବା ଅଣଯୋଜନା ଅନୁଦାନ, ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ ସଂସ୍ଥାକୁ ଦିଆଯାଇଥିବା ଋଣ ଅଗ୍ରୀମରୁ ଆଦାୟ ଇତ୍ୟାଦି ଆୟ ଏବଂ ଅଣଯୋଜନା ରାଜସ୍ୱ ଖର୍ଚ୍ଚ ସହିତ ଋଣ ପରିଶୋଧକୁ ହିସାବକୁ ନେଇ ଦେଖାଯାଉଛି ଯେ 2004–05 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଅନୁଯାୟୀ ଏହି ବ୍ୟବଧାନ ପ୍ରାୟ 3800 କୋଟି ଟଙ୍କା (3779.63 କୋଟି ଟଙ୍କା) ଥିଲା ବେଳେ, 2005–06 ଆର୍ଥିକ ବର୍ଷରେ ଏହି ବ୍ୟବଧାନ ପ୍ରାୟ 3000 କୋଟି ଟଙ୍କା (2989.90 କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଇଛି । ଅର୍ଥାତ୍ ଅଣଯୋଜନା କ୍ଷେତ୍ରରେ ଯେଉଁ 3000 କୋଟି ଟଙ୍କା ପାଖାପାଖି ବ୍ୟବଧାନ ରହୁଛି ତାହାର ଭରଣା ପାଇଁ ରାଜ୍ୟ ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ଯେଉଁ ଋଣ ଓ ଅନୁଦାନ ମିଳିବ ବୋଲି ହିସାବ କରାଯାଇଛି ସେଥିରୁ ପ୍ରଥମେ ପ୍ରାୟ 3000 କୋଟି ଟଙ୍କା ବ୍ୟବହୃତ ହୋଇଯାଉଛି । ଅର୍ଥାତ୍ 2005–06 ଆର୍ଥିକ ବର୍ଷ ପାଇଁ ଯୋଜନା ବ୍ୟୟର ଅଟକଳ 3000 କୋଟି ଟଙ୍କା ଖର୍ଚ୍ଚ କରିବାକୁ ହୋଇଥିବାରୁ ଆମକୁ ପ୍ରାୟ 6000 କୋଟି ଟଙ୍କାର ସମ୍ବଳ ଯୋଗାଡ କରିବାକୁ ପଡିବ । ଏହି 6000 କୋଟି ଟଙ୍କାର ସମ୍ବଳ ମଧ୍ୟରୁ ଋଣର ପରିମାଣ ପ୍ରାୟ 4000 କୋଟି ଟଙ୍କା ହେବ ବୋଲି ପ୍ରାଥମିକ ଅଟକଳରୁ ଜଣାପଡୁଛି । ତେଣୁ ଅଣ ଯୋଜନା ନିଅଣ୍ଟକୁ ଯେତେ କମାଇଯାଇପାରିବ ରାଜ୍ୟ ଯୋଜନା ବ୍ୟୟ ଅଟକଳ ପାଇଁ ସେତିକି ଅଧିକ ସମ୍ବଳ ଉପଲବ୍ଧ ହୋଇପାରିବ ଏବଂ ବର୍ଷକୁ ବର୍ଷ ଯେଉଁ ଅଧିକ ଋଣ କରିବାକୁ ପଡୁଛି ତାହାକୁ କ୍ରମେ କ୍ରମେ କମାଇ ଦିଆଯାଇପାରିବ । ଏହାହିଁ ହେଉଛି ମଧ୍ୟବର୍ତ୍ତୀକାଳୀନ ଆର୍ଥିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

21. ଅଣଯୋଜନାରେ ଯେହେତୁ ବ୍ୟବଧାନ 2989.90 କୋଟି ଟଙ୍କା ହେଉଛି ଖୋଲା ବଜାରରୁ ନିଟ୍ ଋଣ 593.87 କୋଟି ଟଙ୍କା, ସ୍ୱଳ୍ପ ସଞ୍ଚୟ ଋଣ 615.30 କୋଟି ଟଙ୍କା, ଭବିଷ୍ୟନିଧି ପାଣ୍ଠି ଜମା 200.00 କୋଟି ଟଙ୍କା, ରାଜ୍ୟ ଯୋଜନା ବାବଦକୁ Gadgil-Mukerjee ସୂତ୍ର ଅନୁସାରେ ମିଳୁଥିବା କେନ୍ଦ୍ରୀୟ ସାହାଯ୍ୟ 994.13 କୋଟି ଟଙ୍କା ଏହିପରି ମୋଟ 2403.30 କୋଟି ଟଙ୍କା ହିସାବକୁ ନେଲା ପରେ ମଧ୍ୟ ଅଣଯୋଜନା ବାବଦକୁ ତଥାପି 586.60 କୋଟି ଟଙ୍କା ନିଅଣ୍ଟ ଦେଖାଯାଉଛି । ଏହା ପରେ ବିଶ୍ୱ ବ୍ୟାଙ୍କ ଓ DFID ଠାରୁ 1200.00 କୋଟି ଟଙ୍କା ଭାରତ ସରକାରଙ୍କ ଜରିଆରେ ମିଳିବାକୁ ରାଜ୍ୟ ଯୋଜନା କମିଶନଙ୍କ ସହ ବିଚାର ବିମର୍ଷ ହୋଇଥିଲା ବେଳେ ସେଥିରୁ 400.00 କୋଟି ଟଙ୍କା ଋଣ ବଦଳ (Debt Swap) ବାବଦକୁ  ବିନିଯୋଗ ହେବ ଏବଂ ବଳକା 800.00 କୋଟି ଟଙ୍କା ରାଜ୍ୟ ଯୋଜନା ବ୍ୟୟ ବାବଦକୁ ଉପଲବ୍ଧ ହେବ । ତେଣୁ ବିଶ୍ୱ ବ୍ୟାଙ୍କ ଓ DFID ଠାରୁ ମିଳିବାକୁ ଥିବା 1200.00 କୋଟି ଟଙ୍କା ଅନୁଦାନ ଓ ଋଣକୁ ହିସାବକୁ ନେଲା ପରେ ଯୋଜନା ବାବଦକୁ Untied Resource ମାତ୍ର 213.40 କୋଟି ଟଙ୍କା ଉପଲବ୍ଧ ହେଉଛି । ବୈଦେଶିକ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ, ତ୍ୱରାନ୍ୱିତ ଜଳ ସେଚିତ ପ୍ରକଳ୍ପ, ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଇଁ ନାର୍ବାଡରୁ ଋଣ, କେ.ବି.କେ ଜିଲ୍ଲା ପାଇଁ ଅନୁଦାନ ଇତ୍ୟାଦି ପାଇଁ Tied-up Resource ର ମୋଟ ପରିମାଣ ହେଉଛି 2051.11 କୋଟି ଟଙ୍କା । ଏହିପରି ରାଜ୍ୟ ବଜେଟରେ ରାଜ୍ୟ ଯୋଜନା ପାଇଁ ସମ୍ବଳ 2264.51କୋଟି ଟଙ୍କା ଥିଲା ବେଳେ Gridco, OPGC, OHPC, OSRTC ସରକାରୀ ଉଦ୍ୟୋଗ ମାନଙ୍କ ଆକାଉଣ୍ଟରେ ସେମାନଙ୍କ ନିଜସ୍ୱ ରାଜସ୍ୱ ଓ ଋଣ ହିସାବକୁ ନେଇ 735.49 କୋଟି ଟଙ୍କା ସମ୍ବଳ ଆକଳନ କରାଯାଇଛି । ମୋଟ ଉପରେ କହିବାକୁ ଗଲେ 3000 କୋଟି ଟଙ୍କା ସମ୍ବଳର ଆକଳନ ମଧ୍ୟରୁ 2264.51 କୋଟି ଟଙ୍କା ରାଜ୍ୟ ସରକାରଙ୍କ ବଜେଟ ଜରିଆରେ ମିଳିବାକୁ ଥିଲା ବେଳେ ଏଥି ମଧ୍ୟରୁ ବିଶ୍ୱ ବ୍ୟାଙ୍କ ଓ DFID ବାବଦକୁ 1200 କୋଟି ଟଙ୍କା ହିସାବକୁ ନେଲା ପରେ Untied Resource 213.40 କୋଟି ଟଙ୍କା ଓ Tied-up Resource 2051.11 କୋଟି ଟଙ୍କା ହିସାବ କରାଯାଇଛି । କିନ୍ତୁ ଯେହେତୁ ଆମକୁ ମଧ୍ୟାହ୍ନ ଭୋଜନ, ଆଦିବାସୀ ଓ ହରିଜନ ଛାତ୍ର–ଛାତ୍ରୀ ମାନଙ୍କ ପାଇଁ ବୃତ୍ତି, ପଶ୍ଚିମ ଓଡିଶା ଉନ୍ନୟନ ପରିଷଦ ପାଇଁ ଅନୁଦାନ, କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନା ପାଇଁ ରାଜ୍ୟର ଅଂଶ, MLALAD ଇତ୍ୟାଦି ବାବଦକୁ ଖର୍ଚ୍ଚ କରିବାକୁ ପଡିବ, ତେଣୁ ବାଧ୍ୟ ହୋଇ 213.40 କୋଟି ଟଙ୍କା Untied Resource ଆକଳନ କରାଯାଇଥିଲା ବେଳେ Resource Untied Schemes ପାଇଁ 712.20 କୋଟି ଟଙ୍କାର ବ୍ୟୟ ବରାଦ ବ୍ୟବସ୍ଥା କରିବାକୁ ପଡିଛି । ଅର୍ଥାତ୍ 498.80 କୋଟି ଟଙ୍କା ଅଧିକ Resource Untied Schemes ପାଇଁ ବ୍ୟୟ ବରାଦ କରାଯାଉଥିବାରୁ ଏଥି ନିମିତ୍ତ Tied-up Resource 498.80 କୋଟି ଟଙ୍କା divert କରିବାକୁ ପଡୁଛି । ଅନ୍ୟ ପକ୍ଷରେ

Resource Tied-up Schemes ପାଇଁ ମାତ୍ର 1552.31 କୋଟି ଟଙ୍କା ବ୍ୟୟ ବରାଦ ହେବ ବୋଲି ଆକଳନ କରାଯାଇଛି । ଏହା ଏକ ବିଷମ ସମସ୍ୟା ଅଟେ । ମୁଁ ସ୍ୱୀକାର କରୁଛି ଯେ ବଜେଟ ପ୍ରସ୍ତୁତିକରଣ ପ୍ରକ୍ରିୟାରେ ଏହା ବିଧି ସମ୍ମତ ନୁହେଁ, କିନ୍ତୁ ସମ୍ବଳ–କ୍ଷୁଧିତ, ବିକଳ୍ପ ବିହୀନ ଏକ ଅର୍ଥମନ୍ତ୍ରୀ ସର୍ପକୁ ମଧ୍ୟ ରଜ୍ଜୁ ଭଳି ବ୍ୟବହାର କରିବାକୁ ପଡିବ । ତେଣୁ ଆମକୁ ଅଣଯୋଜନା ରାଜସ୍ୱ ଖର୍ଚ୍ଚ ହ୍ରାସ କରିବା ସଙ୍ଗେ ସଙ୍ଗେ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ଆୟକୁ ବୃଦ୍ଧି କରିବା ନିତାନ୍ତ ଆବଶ୍ୟକ । ଯାହା ଫଳରେ Resource Untied Schemes ପାଇଁ ସମ୍ବଳ ଅଧିକରୁ ଅଧିକ ଉପଲବ୍ଧ ହୋଇପାରିବ ।

ବଜେଟର ଗୁରୁତ୍ୱପୂର୍ଣ୍ଣ ଦିଗ (Thrust area in the Budget)

22. ଆମର ସମ୍ବଳ ସୀମିତ, କିନ୍ତୁ ଆବଶ୍ୟକତା ବହୁତ ଅନେକ । ରାଜ୍ୟର ପ୍ରଗତି ସମ୍ବଳର ସଦୁପଯୋଗ ଉପରେ ନିର୍ଭର କରିଥାଏ । ଆମ ରାଜ୍ୟର ସମସ୍ତ ପ୍ରାଚୁର୍ଯ୍ୟ ସତ୍ତ୍ୱେ ଆମର ମାନସିକ ଦାରିଦ୍ର୍ୟ ଆମକୁ ଅନଗ୍ରସର କରି ରଖିଛି । ଅନ୍ୟ ରାଜ୍ୟମାନଙ୍କ ସହ ସମକକ୍ଷ ହେବା ପାଇଁ ଆମକୁ ଭବିଷ୍ୟତ ଅଭିମୁଖେ ଲମ୍ଫ ପ୍ରଦାନ କରିବାର ସମୟ ଆସିଛି । ସ୍ୱପ୍ନଦ୍ରଷ୍ଟା ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟକୁ ଏକ ଶିଳ୍ପୋନ୍ନତ ଓ ଆତ୍ମନିର୍ଭରଶୀଳ ଅଗ୍ରଣୀ ରାଜ୍ୟ ଭାବରେ ଗଢି ତୋଳିବାର ଯେଉଁ ସଙ୍କଳ୍ପ ନେଇଛନ୍ତି ତାହା ହୁଏତ ଆସନ୍ତା ପାଅଁ ବର୍ଷ ମଧ୍ୟରେ ଭାରତର ମାନଚିତ୍ରରେ ଓଡିଶାକୁ ଆଣିଦେବ ଏକ ନୂତନ ପରିଚୟ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ସ୍ୱପ୍ନର ଓଡିଶାକୁ ସାକାର କରିବାରେ ଆଜିର ନେତୃତ୍ୱ ଯେଉଁ ବଳିଷ୍ଠ ପଦକ୍ଷେପମାନ ନେଉଛି ତାହା ସାରା ଭାରତରେ ପ୍ରଶଂସିତ ତଥା ସ୍ୱୀକୃତ ହୋଇଅଛି । ଏହି ପରିପ୍ରେକ୍ଷୀରେ ଓଡିଶାର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୂରଣ କରି ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ 2005–06 ବର୍ଷର ବଜେଟରେ ସୀମିତ ସମ୍ବଳ ମଧ୍ୟରେ କେତେ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି । ସେଗୁଡିକ ହେଲା –

- ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକୁ ସଂପୂର୍ଣ୍ଣ କରିବା ପାଇଁ ଅଗ୍ରାଧିକାର ଭିତ୍ତିରେ ବ୍ୟୟ ବରାଦ
- ଅଧିକ କେନ୍ଦ୍ରୀୟ ସହାୟତା ହାସଲ ପାଇଁ ରାଜ୍ୟ ସରକାରଙ୍କ ଅଂଶଧନ ବୃଦ୍ଧି
- ଆଦିବାସୀ, ହରିଜନ ଓ ପଛୁଆବର୍ଗର ଲୋକମାନଙ୍କ ସାମାଜିକ ଓ ଅର୍ଥ ନୈତିକ ଉନ୍ନତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ଏହି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ବୃତ୍ତି ପରିମାଣ ବୃଦ୍ଧି
- ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ମହିଳା, ଶିଶୁ, ବୃଦ୍ଧବୃଦ୍ଧା, ବିକଳାଙ୍ଗ ଓ ଅସହାୟ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ
- ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ଅଧିକ ବ୍ୟୟ ବରାଦ
- ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ଓ ମାନର ଉନ୍ନତି ସାଧନ
- ପ୍ରାଥମିକ ଓ ଉଚ୍ଚ ଶିକ୍ଷାର ବିକାଶ

- କୃଷି ଆନୁସଙ୍ଗିକ ଧନ୍ଦାର ବିକାଶ
- ଜଳ ସେଚନ ସଂପ୍ରସାରଣ ଓ ଉନ୍ନତି
- ସହରାଞ୍ଚଳ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥାର ଉନ୍ନତି
- ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ବିକାଶ ତଥା ଗ୍ରାମାଞ୍ଚଳର ମୁଣ୍ଡପିଛା ଆୟ ବୃଦ୍ଧି
- ରାସ୍ତା ଯୋଗାଯୋଗ ଭିତ୍ତିଭୂମିର ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ
- କେବିକେ ଓ ପଛୁଆ ଅଞ୍ଚଳ ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ
- ଆତ୍ମନିଯୁକ୍ତି ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ
- ପର୍ଯ୍ୟଟନ ଭିତ୍ତିଭୂମିର ସୁଦୃଢ଼ି କରଣ
- ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରର ବିକାଶ
- ଜୈବ ବିଜ୍ଞାନ (Bio-technology) ର ବିକାଶ ସାଧନ
- ମାଛ, ମାଂସ, ଅଣ୍ଡା, ଦୁଗ୍ଧ ଓ ଫଳପୁଷ୍ପ ଉତ୍ପାଦନ ବୃଦ୍ଧି
- କ୍ରୀଡାର ଉନ୍ନତି ତଥା ଭିତ୍ତୀଭୂମି ବିକାଶ
- ସମ୍ବଳର ସଦୁପଯୋଗ ଓ ମାନବ ସମ୍ବଳ ବିକାଶ
- ରାଜ୍ୟରେ ଖଣିଜ ଶିଳ୍ପର ବିକାଶ
- ଗ୍ରାମ୍ୟ ବିଦ୍ୟୁତ୍ କରଣ
- ବନ୍ଦର ଭିତ୍ତୀଭୂମିର ବିକାଶ
- 1972 ମସିହା ଓ 1980 ମସିହାର ସ୍ୱାଧିନତା ସଂଗ୍ରାମୀ ପେନ୍‌ସନ୍ ଯୋଜନା ଅନୁଯାୟୀ ପେନ୍‌ସନ୍ ପାଉଥିବା ସ୍ୱାଧିନତା ସଂଗ୍ରାମୀଙ୍କ ମାସିକ ପେନ୍‌ସନ୍‌ରେ 300 ଟଙ୍କା ବୃଦ୍ଧି ।

ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବା

23. ଯେଉଁ ପ୍ରକଳ୍ପ ଗୁଡିକ ବର୍ଷ ବର୍ଷ ଧରି କାର୍ଯ୍ୟକାରୀ ହେଉଅଛି କିନ୍ତୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ, ସେ ଗୁଡିକର କାର୍ଯ୍ୟ କିପରି ଶୀଘ୍ର ସମ୍ପୂର୍ଣ୍ଣ ହୋଇପାରିବ ଏବଂ ତାହାର ସୁବିଧା ସୁଯୋଗ ଜନସାଧାରଣ ପାଇ ପାରିବେ ସେଥି ନିମିତ୍ତ ଶୂନ୍ୟ ଭିତ୍ତିକ ବିନିଯୋଗ ସମୀକ୍ଷା (Zero Based investment review ) କରାଯାଇ ମୋଟ 41ଟି ପ୍ରକଳ୍ପ 2004–05 ମସିହାର ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବେଳେ 31.12.2004 ସୁଦ୍ଧା 15 ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ସାରିଲାଣି । ଅବଶିଷ୍ଟ 26 ଗୋଟି ପ୍ରକଳ୍ପ ମଧ୍ୟରୁ 9 ଗୋଟି ପ୍ରକଳ୍ପ 2005 ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଛି । ଜଙ୍ଗଲ ବିଭାଗ ଅନୁମୋଦନ ଓ ଅନ୍ୟାନ୍ୟ କାରଣରୁ 17 ଗୋଟି ପ୍ରକଳ୍ପ 2004–05 ମସିହାରେ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ଏବଂ ସେଗୁଡିକ 2005–06 ମସିହାରେ ଯେପରି ସମ୍ପୂର୍ଣ୍ଣ ହେବ ସେଥିପାଇଁ ସମ୍ପୃକ୍ତ ପ୍ରଶାସନିକ ବିଭାଗ ମାନଙ୍କୁ ତ୍ୱରାନ୍ୱିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ

ଦିଆଯାଇଅଛି । ଉକ୍ତ 17ଟି ପ୍ରକଳ୍ପକୁ ମିଶାଇ 2005–06 ମସିହାରେ ମୋଟ 112 ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ବଜେଟ୍‌ରେ ବ୍ୟୟ ବରାଦ କରାଯାଇଅଛି । ତନ୍ମଧ୍ୟରେ 4 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ଆକଳନ କରାଯାଇଥିବା 54ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାପାଇଁ 49.04 କୋଟି ଟଙ୍କା ଏବଂ 1.00 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ଆକଳନ କରାଯାଇଥିବା 58 ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାପାଇଁ 8.72 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଅନେକ ସମୟରେ ପ୍ରକଳ୍ପ ଗୁଡିକର ଠିକ୍ ସମୟରେ ସମ୍ପୂର୍ଣ୍ଣ ନ ହେବାର ଏକ ମୁଖ୍ୟ କାରଣ ହେଲା ଠିକ ମୁତାବକ Project formulation ନହେବା ଓ ସର୍ବେକ୍ଷଣ ନହେବା ଇତ୍ୟାଦି । ସେଥିପାଇଁ 2005–06 ବଜେଟରେ Improving capacity for project formulation and monitoring ପାଇଁ 4.30 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରୁ 1 କୋଟି ଟଙ୍କା ଲେଖାଏଁ ପୂର୍ତ୍ତ, ଜଳସଂପଦ, ଗ୍ରାମ୍ୟ ଉନ୍ନୟନ ଓ ପୌର ଓ ଗୃହ ନିର୍ମାଣ ବିଭାଗ ପାଇଁ ରଖାଯାଇଥିବା ବେଳେ ଯୋଜନା ଓ ସମନ୍ୱୟ ବିଭାଗ ଅଧିନରେ 0.30 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନା ଗୁଡିକପାଇଁ ରାଜ୍ୟର ଅଂଶ ବୃଦ୍ଧି

24. କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନାଗୁଡିକରେ ରାଜ୍ୟର ଅଂଶ ବାବଦକୁ ଯେପରି ଅଧିକରୁ ଅଧିକ ବ୍ୟୟ ବରାଦ କରାଯାଇ ପାରିବ ସେଥିପାଇଁ 2005–06 ମସିହାର ବଜେଟ୍‌ରେ ଚେଷ୍ଟା କରାଯାଇଅଛି । ସମ୍ପୃକ୍ତ ପ୍ରକଳ୍ପ ବା ପରିକଳ୍ପନା ଗୁଡିକ ପାଇଁ ରାଜ୍ୟ ସରକାର ରାଜ୍ୟର ଅଂଶ ବାବଦକୁ ଯେତେ ବ୍ୟୟ ବରାଦ କରିବେ କେନ୍ଦ୍ର ସରକାରଙ୍କ ଠାରୁ ତାହାର ପ୍ରାୟ 3 ଗୁଣ କେନ୍ଦ୍ରୀୟ ସହାୟତା ଅନୁଦାନ ପାଇବେ । (State Share will leverage Central Assistance equal to nearly three times of the State's share).

- 2003-04 ମସିହାରେ ମୂଳ ବଜେଟ୍ ରେ କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନା ପାଇଁ ରାଜ୍ୟର ଅଂଶ ବାବଦକୁ 186.08 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ 2004–05 ମସିହାର ମୂଳ ବଜେଟ୍ ରେ ଏଥିପାଇଁ 287.80 କୋଟି ଟଙ୍କା କୁ ବୃଦ୍ଧି କରାଯାଇଥିଲା । 2005–06 ବଜେଟ୍‌ରେ ରାଜ୍ୟର ଅଂଶ ବାବଦକୁ ଏହାକୁ 437.65 କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି ।

- ଏହି 437.65 କୋଟି ଟଙ୍କା ମଧ୍ୟରେ ସର୍ବଶିକ୍ଷା ଅଭିଯାନ ପାଇଁ ରାଜ୍ୟର ଅଂଶ ବାବଦକୁ 187.83 କୋଟି ଟଙ୍କା ଅର୍ନ୍ତଭୁକ୍ତ । ସେଥିମଧ୍ୟରୁ ରାଜ୍ୟର ଅଣଯୋଜନାରେ 150 କୋଟି ଟଙ୍କା ଓ ରାଜ୍ୟ ଯୋଜନାରେ 37.83 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ଏଠାରେ ପ୍ରକାଶ ଯୋଗ୍ୟ ଯେ 2004–05 ମସିହାରେ ମୂଳ ବଜେଟ୍‌ରେ ସର୍ବଶିକ୍ଷା ଅଭିଯାନ ପାଇଁ ରାଜ୍ୟ ଯୋଜନାରେ ରାଜ୍ୟର ଅଂଶ ବାବଦକୁ ମାତ୍ର 23.01 କୋଟି ଟଙ୍କା ଏବଂ ତପ୍ରରେ ଅତିରିକ୍ତ ବଜେଟ୍‌ରେ 35.12 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ଓ ଓଡିଶା ଆକସ୍ମିକ ପାଣ୍ଠି (O.C.F) ରୁ 70 କୋଟି ଟଙ୍କା ମଞ୍ଜୁର କରାଯାଇଛି ।

ସାମାଜିକ ସୁରକ୍ଷା

25. ସାମାଜିକ ସୁରକ୍ଷା, ଆଦିବାସୀ ଓ ହରିଜନ କଲ୍ୟାଣ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ସହରାଂଚଳ ଉନ୍ନୟନ, ରାସ୍ତାଘାଟ, ଓ ପର୍ଯ୍ୟଟନସ୍ଥଳୀ ଉତ୍ୟାଦି ଗୁଡିକର ଭିତ୍ତୀଭୂମି ଉନ୍ନୟନ ପାଇଁ 2005–06 ବଜେଟ୍‌ରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଇଛି । ତାହାର ରୂପରେଖ ଆପଣମାନଙ୍କ ଅବଗତି ନିମନ୍ତେ ମୁଁ ସୂଚାଇ ଦେବାକୁ ଚାହେଁ ।

ଆଦିବାସୀ ହରିଜନ ଛାତ୍ର ଛାତ୍ରୀଙ୍କ ପାଇଁ ବୃତ୍ତି

ଆମ ରାଜ୍ୟର ଲୋକସଂଖ୍ୟାର 38.65 ଶତାଂଶ ହେଉଛନ୍ତି ଗରିବ ହରିଜନ ଓ ଆଦିବାସୀ ସଂପ୍ରଦାୟର । ଏହି ବର୍ଗର ପିଲାମାନଙ୍କୁ ଯେପରି ଅନ୍ୟାନ୍ୟ ବର୍ଗର ଲୋକମାନଙ୍କ ସହ ସମକକ୍ଷ କରାଯାଇ ପାରିବ ସେଥିପାଇଁ ସେମାନଙ୍କର ଶିକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଆରୋପ କରିବା ଆବଶ୍ୟକ । ଏଥିପାଇଁ ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ପଛୁଆ ବର୍ଗ ଛାତ୍ରଛାତ୍ରୀ ମାନଙ୍କ ବୃତ୍ତି ପାଇଁ 2004–05 ମସିହାରେ 59.14 କୋଟି ଟଙ୍କା ରଖାଯାଇଥିଲା ବେଳେ 2005–06 ବର୍ଷରେ ଏହା 64.79 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

**ଆଦିବାସୀ, ହରିଜନ ଓ ପଛୁଆ ବର୍ଗ ଜାତି ଉନ୍ନୟନ ବିଭାଗ ଜରିଆରେ ବିଭିନ୍ନ ଉନ୍ନୟନ ମୂଳକ ରାର୍ଯ୍ୟ ପାଇଁ 2005–06 ବଜେଟରେ ମୋଟ 366.10 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି, ଏଥି ମଧ୍ୟରୁ ଅଣ ଯୋଜନାରେ 113.46 କୋଟି ଟଙ୍କା, ରାଜ୍ୟ ଯୋଜନାରେ 190.80 କୋଟି ଟଙ୍କା, କେନ୍ଦ୍ରୀୟ ଯୋଜନାରେ 60.90 କୋଟି ଟଙ୍କା ଓ କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନାରେ 0.94 କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ ।**

ବାର୍ଦ୍ଧକ୍ୟ ଭତ୍ତା

26. ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ 6,75,000 ବୃଦ୍ଧବୃଦ୍ଧା ଭତ୍ତା ପାଉଛନ୍ତି, ସେଥି ମଧ୍ୟରୁ 1,71,576 ଜଣ କେ.ବି.କେ ଜିଲ୍ଲାରୁ ଅନ୍ତର୍ଭୁକ୍ତ । ସେହିପରି ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ବର୍ତ୍ତମାନ 4,93,400 ଜଣ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି, ସେଥିମଧ୍ୟରୁ କେ.ବି.କେ ଜିଲ୍ଲା ଗୁଡିକରୁ 2,16,984 ଜଣ ବୃଦ୍ଧବୃଦ୍ଧା ଅନ୍ତର୍ଭୁକ୍ତ ଏବଂ ତାହା ହେଉଛି ମୋଟ 4,93,400 ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକ ସଂଖ୍ୟାର 43.48 ଶତାଂଶ । ମୋଟ ଉପରେ କହିବାକୁ ଗଲେ ଉଭୟ ରାଜ୍ୟ ଓ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଅନ୍ତର୍ଭୁକ୍ତ 11,68,400 ଉପଭୋକ୍ତା ମାନଙ୍କ ମଧ୍ୟରୁ କେ.ବି.କେ ଜିଲ୍ଲାରୁ 3,88,560 ଉପଭୋକ୍ତା ରହିଛନ୍ତି, ଅର୍ଥାତ୍ କେ.ବି.କେ ଜିଲ୍ଲାର ଲୋକ ସଂଖ୍ୟା ରାଜ୍ୟର ମୋଟ ଲୋକସଂଖ୍ୟାର 19.73

ଶତାଂଶ ହୋଇଥିବା ବେଳେ କେ.ବି.କେ ରୁ ପାଉଥିବା ବାର୍ଦ୍ଧକ୍ୟ ଭତ୍ତା ଉପଭୋକ୍ତାଙ୍କ ସଂଖ୍ୟା ହେଉଛି ମୋଟ ଉପଭୋକ୍ତାଙ୍କ ସଂଖ୍ୟାର33.26 ଶତାଂଶ ।

2003–04 ମସିହାରେ ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ପାଇଁ 76.45 କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ, 2004–05 ମସିହାରେ ଏଥିପାଇଁ 79.95 କୋଟି ବ୍ୟୟ ବରାଦ କରାଯାଇଥିଲା ଏବଂ 2005–06 ମସିହାରେ ଏହା 81.00 କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି ।

ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିମାନଙ୍କ ପାଇଁ କେନ୍ଦ୍ର ସରକାର 75.00 ଟଙ୍କା ଦେଲା ବେଳେ ରାଜ୍ୟ ସରକାରଙ୍କ ତରଫରୁ 25.00 ଟଙ୍କା ଦିଆଯାଉଛି । 2005–06 ବର୍ଷ ବଜେଟ୍ ରେ 36.94 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଦରକାର ମୁତାବକ ଅବଶିଷ୍ଟ ଅର୍ଥ ଅତିରିକ୍ତ ବଜେଟ୍‌ରେ ବ୍ୟବସ୍ଥା କରାଯିବ ।

**ଶାରୀରିକ ଅକର୍ମଣ୍ୟ ବ୍ୟକ୍ତିଙ୍କ ପାଇଁ ପେନସନ୍**

27. ବର୍ତ୍ତମାନ 1,15,000 ଶାରୀରିକ ଅକର୍ମଣ୍ୟ ବ୍ୟକ୍ତିମାନଙ୍କୁ ପେନ୍‌ସନ ଦିଆଯାଉଛି । କିନ୍ତୁ ଅନେକ ଶାରୀରିକ ଅକର୍ମଣ୍ୟ ବ୍ୟକ୍ତି ବିଭିନ୍ନ ଜିଲ୍ଲାରେ ଉକ୍ତ ପେନ୍‌ସନ ପାଇ ପାରି ନାହାନ୍ତି । ତେଣୁ ଆସନ୍ତା ବର୍ଷ ପ୍ରାୟ ଅଧିକ 10,000 ଶାରୀରିକ ଅକର୍ମଣ୍ୟ ବ୍ୟକ୍ତିଙ୍କୁ ପେନ୍‌ସନ ଦେବା ପାଇଁ ରାଜ୍ୟ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ଏଥି ନିମିତ୍ତ 2004–05 ବଜେଟ୍‌ରେ 13.80 କୋଟି ଟଙ୍କା ରଖାଯାଇଥିଲା ବେଳେ 2005–06 ମସିହାରେ ଏହାକୁ 15.80 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

2002–03 ବର୍ଷ ଠାରୁ ରାଜ୍ୟରେ ସ୍କୁଲ ଓ କଲେଜ ମାନଙ୍କରେ ଅକର୍ମଣ୍ୟ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରାଯାଉଥିବା ବୃତ୍ତିର ରାଶିକୁ ଦୁଇ ଗୁଣରୁ ଅଧିକ ବୃଦ୍ଧି କରାଯାଇଛି । ଶାରୀରିକ ଅକ୍ଷମ ଛାତ୍ରଛାତ୍ରୀ ମାନଙ୍କ ବୃତ୍ତି ପାଇଁ 2004–05 ମସିହା ବଜେଟ୍ ରେ 1.37 କୋଟି ଟଙ୍କା ରଖାଯାଇଥିଲା ବେଳେ 2005–06 ମସିହାରେ ଏହା 2.00 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

**ମିଶନ ଶକ୍ତି**

28. ରାଜ୍ୟ ମିଶନ ଶକ୍ତି ଯୋଜନାରେ ପ୍ରାୟ 1,39,059 ନୂତନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଗଠନ କରାଯାଇଅଛି । ଏତଦ୍ ବ୍ୟତୀତ 97,385 ମହିଳା ସ୍ୱୟଂ ସହାୟିକା ଗୋଷ୍ଠିମାନଙ୍କୁ 212.75 କୋଟି ଟଙ୍କାର ଆନୁଷ୍ଠାନିକ ଋଣ ପ୍ରଦାନ କରାଯାଇଅଛି । 2005–06 ଆର୍ଥିକ ବର୍ଷରେ ମିଶନ ଶକ୍ତି କାର୍ଯ୍ୟକ୍ରମ ସହାୟତା ସକାଶେ ମହିଳା ବିକାଶ ସମବାୟ ନିଗମ ମାଧମରେ 10 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏତଦ୍ ବ୍ୟତୀତ DNA ପରୀକ୍ଷା ସହାୟତା ସକାଶେ 5 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ମୋଟ ଉପରେ ମିଶନ ଶକ୍ତି ପାଇଁ 2005–06 ମସିହାରେ 2 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

କେନ୍ଦ୍ର ସରକାରଙ୍କ ସହାୟତାରେ ନାରୀ ସଶକ୍ତି କରଣ ନିମନ୍ତେ "ସ୍ୱୟଂସିଦ୍ଧ" ନାମରେ ଏକ ନୂତନ ଯୋଜନା ରାଜ୍ୟର 8ଟି କେ.ବି.କେ ଜିଲ୍ଲା ଓ ବୌଦ ଜିଲ୍ଲାର 36ଟି ବ୍ଲକରେ କାର୍ଯ୍ୟକାରୀ ହେଉଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନାରୀ ସଶକ୍ତି କରଣ ଏହାର ଲକ୍ଷ୍ୟ ।

ଥାନାଗୁଡ଼ିକରେ ମହିଳା ଡେସ୍କ ପ୍ରତିଷ୍ଠା

- ଥାନା ଗୁଡ଼ିକରେ ମହିଳା ଡେସ୍କ କାର୍ଯ୍ୟକାରୀ କରିବା ପାଇଁ ଗୃହ ବିଭାଗର ଅଣଯୋଜନାରେ ଏକ କୋଟି ଟଙ୍କା Furniture and furnishing ପାଇଁ ସ୍ୱତନ୍ତ୍ର ଭାବରେ ରଖାଯାଇଛି ।

ମଧ୍ୟାହ୍ନ ଭୋଜନ

29. ମଧ୍ୟାହ୍ନ ଭୋଜନ ପାଇଁ 2004–05 ମସିହାର ମୂଳ ବଜେଟରେ 28.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ବେଳେ ଏହାକୁ 2005–06 ମସିହାରେ 82.20 କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏହାଦ୍ୱାରା ମଧ୍ୟାହ୍ନ ଭୋଜନ କାର୍ଯ୍ୟରେ ନିୟୋଜିତ ପାଚିକା ଓ ସହାୟିକା ମାନେ ତାଙ୍କର ପାରିଶ୍ରମିକ ଠିକ ସମୟରେ ପାଇପାରିବେ ।

**ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ 2005–06 ବଜେଟରେ ମୋଟ 493.56 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି, ଏଥି ମଧ୍ୟରୁ ଅଣଯୋଜନାରେ 116.47 କୋଟି ଟଙ୍କା, ରାଜ୍ୟ ଯୋଜନାରେ 205.85 କୋଟି ଟଙ୍କା, କେନ୍ଦ୍ରୀୟ ଯୋଜନାରେ 171.18 କୋଟି ଟଙ୍କା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ 0.06 କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ ।**

ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଭତ୍ତା

30. ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ନିଜର ଲହୁଲୁହ ଦେଇ ତଥା ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟ ଓ ପରିବାରକୁ ତ୍ୟାଗ କରି ସଂଗ୍ରାମ ଜାରି ରଖିଥିଲେ ସେମାନଙ୍କୁ ଓ ସେମାନଙ୍କ ପରିବାରକୁ ଆମେ ଭୁଲିଯିବା ଉଚିତ୍ ନୁହେଁ । ରାଜ୍ୟର ସୀମିତ ସମ୍ବଳକୁ ଆଖିରେ ରଖି 1972 ମସିହା ଓ 1980 ମସିହା ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍ ଯୋଜନା ଅନୁସାରେ ପେନ୍‌ସନ୍ ପାଉଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ମାସିକ ପେନ୍‌ସନ୍ 300 ଟଙ୍କା ବୃଦ୍ଧି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ 2004–05 ବର୍ଷର ମୂଳ ବଜେଟରେ 2.25 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ 2005–06 ଆର୍ଥିକ ବର୍ଷ ବଜେଟରେ ଏହାକୁ 4.35 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

ପ୍ରାଥମିକ ସ୍ୱାସ୍ଥ୍ୟ

31. ଯେଉଁମାନେ ସହରାଞ୍ଚଳରେ ବାସ କରୁଛନ୍ତି ସେମାନେ ହୁଏତ ଆଧୁନିକ ଚିକିତ୍ସା ସୁବିଧା ପାଇପାରୁଛନ୍ତି, ମାତ୍ର ଯେଉଁମାନେ ଗାଁ ଗହଳରେ ରହୁଛନ୍ତି ମୁଖ୍ୟତଃ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ଚିକିତ୍ସା ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡୁଛି । ସେଥିପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି । ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ 2003–04 ଆର୍ଥିକ ବର୍ଷରେ 120.88

କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ 2004–05 ର ସଂଶୋଧିତ ଅଟକଳରେ 123.66 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ଓ 2005–06 ବଜେଟରେ ଏହାକୁ ବୃଦ୍ଧି କରାଯାଇ 160.76 କୋଟି ଟଙ୍କାରେ ରଖାଯାଇଛି । 2005–06 ବଜେଟରେ ଯେଉଁ ଅଧିକା ବ୍ୟୟ ବରାଦ କରାଯାଇଛି ତାହା ମୁଖ୍ୟତଃ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଉପକରଣ ବାବଦକୁ 24.96 କୋଟି ଟଙ୍କା, ଶଯ୍ୟା ଓ ପଥ୍ୟ ଇତ୍ୟାଦି ବାବଦକୁ 9.05 କୋଟି ଟଙ୍କା ଉପଯୋଗ ହେବ । ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ଚିକିତ୍ସାଳୟ ପାଇଁ ମଧ୍ୟ ଉପକରଣ ବାବଦକୁ 2.91 କୋଟି ଟଙ୍କା, Wage ବାବଦକୁ 4.80 କୋଟି ଟଙ୍କା ଅଣଯୋଜନାରେ ବ୍ୟୟ ବରାଦ କରାଯାଇଛି । ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ଚିକିତ୍ସାଳୟରେ କାର୍ଯ୍ୟରତ ଜଗୁଆଳି ଓ ସଫେଇ କରୁଥିବା ବ୍ୟକ୍ତିମାନେ ବାକିଆ ପ୍ରାପ୍ୟ ପାଇବା ସଙ୍ଗେ ସଙ୍ଗେ ମାସକୁ ମାସ ସେମାନଙ୍କ ପ୍ରାପ୍ୟ ମଧ୍ୟ ଠିକ୍ ସମୟରେ ପାଇପାରିବେ ।

ଏତଦ୍ ବ୍ୟତୀତ ତିନୋଟି ମେଡିକାଲ୍ କଲେଜ ଓ ହସପିଟାଲ ଏବଂ ଶିଶୁ ବିଭାଗ ପ୍ରତିଷ୍ଠାନ (Institute of Paediatrics) ପାଇଁ ଉପକରଣ ବାବଦକୁ 9.81 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହିପରି ଭାବରେ ବିଭିନ୍ନ ମେଡିକାଲ୍ ପାଇଁ କେବଳ ଉପକରଣ ପାଇଁ 43.28 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ବିଶ୍ୱବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଓଡିଶା ସ୍ୱାସ୍ଥ୍ୟସେବା ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରିତା ତା 31.3.2005 ରିଖରେ ଶେଷ ହେବାକୁ ଯାଉଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ଏହି ପ୍ରକଳ୍ପର କାର୍ଯ୍ୟକାଳ ଆଉ ଏକ ବର୍ଷ ବୃଦ୍ଧି କରାଯାଇଛି ଏବଂ ଏଥି ପାଇଁ 2005–06 ଆର୍ଥିକ ବର୍ଷରେ 120 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**ମୋଟ ଉପରେ 2005–06 ବର୍ଷର ବଜେଟ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟ ପାଇଁ 740.67 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି, ଏଥି ମଧ୍ୟରୁ ଅଣଯୋଜନାରେ 456.80 କୋଟି ଟଙ୍କା, ରାଜ୍ୟ ଯୋଜନାରେ 147.31 କୋଟି ଟଙ୍କା, କେନ୍ଦ୍ରୀୟ ଯୋଜନାରେ 136.06 କୋଟି ଟଙ୍କା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ 0.50 କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ ।**

- ଏତଦ୍ ବ୍ୟତୀତ ବଜେଟ ବାହାରେ ବିଭିନ୍ନ ବୈଦେଶିକ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ 30 କୋଟି ଟଙ୍କାରୁ ଅଧିକ ଟଙ୍କା ମିଳୁଛି ଏବଂ ଏହାର ପରିମାଣ 2003–04 ବର୍ଷରେ 36.02 କୋଟି ଟଙ୍କା ଥିଲା ।

ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା

32. ସମାଜର ସାମୁହିକ ବିକାଶ ନିମନ୍ତେ ମୁଖ୍ୟତଃ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହାର ଗୁରୁତ୍ୱ ଦୃଷ୍ଟିରୁ 2004–05 ଆର୍ଥିକ ବର୍ଷରେ ସ୍କୁଲ

ଓ ଗଣଶିକ୍ଷା ପାଇଁ ମୂଳ ବଜେଟରେ 1605.16 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ 2005–06 ଆର୍ଥିକ ବର୍ଷ ପାଇଁ ଏହାକୁ 1825.10 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । 2004–05 ବଜେଟରେ ଅଣଯୋଜନା ବାବଦକୁ 1515.44 କୋଟି ଟଙ୍କା ଥିଲା ବେଳେ 2005–06 ଆର୍ଥିକ ବର୍ଷ ପାଇଁ 1718.56 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟ ଯୋଜନାରେ 2004–05 ମୂଳ ବଜେଟରେ 89.72 କୋଟି ଟଙ୍କା ଥିଲା ବେଳେ 2005–06 ଆର୍ଥିକ ବର୍ଷରେ ଏହାକୁ 106.54 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟ ଯୋଜନା ଅନ୍ତର୍ଗତ 106.54 କୋଟି ଟଙ୍କା ମଧ୍ୟରୁ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡିକ ପାଇଁ 43.72 କୋଟି ଟଙ୍କାର ବ୍ୟୟ ବରାଦ ଅନ୍ତର୍ଭୁକ୍ତ । ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଯେଉଁ କର୍ମଚାରୀମାନେ ଚାକିରୀରୁ ଅବସର ନେଲେଣି ବା ନିକଟ ଭବିଷ୍ୟତରେ ଅବସର ଗ୍ରହଣ କରିବେ ସେମାନଙ୍କ ବକେୟା ପ୍ରାପ୍ୟ ବାବଦକୁ ଏହି 43.72 କୋଟି ଟଙ୍କା ମଧ୍ୟରୁ 15 କୋଟି ଟଙ୍କା ସ୍ୱତନ୍ତ୍ର ଭାବରେ ରଖାଯାଇଛି । ଏତଦ୍ ବ୍ୟତୀତ 2004–05 ଆର୍ଥିକ ବର୍ଷରେ ସର୍ବଶିକ୍ଷା ଅଭିଯାନ ପାଇଁ ରାଜ୍ୟ ଯୋଜନାରେ ରାଜ୍ୟ ଅଂଶ ବାବଦକୁ ମାତ୍ର 23.01 କୋଟି ଟଙ୍କା ରଖାଯାଇଥିଲା ବେଳେ 2005–06 ଆର୍ଥିକ ବର୍ଷରେ ଏ ବାବଦକୁ ଅଣଯୋଜନା ଓ ରାଜ୍ୟ ଯୋଜନାକୁ ମିଶାଇ 187.83 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟ ବଜେଟ ବାହାରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧିନରେ ବୈଦେଶିକ ସାହାଯ୍ୟପ୍ରାପ୍ତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବର୍ଷକୁ ପ୍ରାୟ 100 କୋଟିରୁ ଅଧିକ ଟଙ୍କା ମିଳୁଥିଲାବେଳେ ସର୍ବଶିକ୍ଷା ଅଭିଯାନ ଇତ୍ୟାଦି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ବଜେଟ ବାହାରେ 200 କୋଟି ଟଙ୍କାରୁ ଅଧିକ ଟଙ୍କା ମିଳୁଛି ଏବଂ 2005–06 ମସିହାରେ ଏ ବାବଦକୁ ପ୍ରାୟ 520 କୋଟି ଟଙ୍କା ମିଳିବ ବୋଲି ଆଶାକରାଯାଉଛି ।

ଉଚ୍ଚ ଶିକ୍ଷା

33. ଉଚ୍ଚ ଶିକ୍ଷାର ବିକାଶ ପାଇଁ ସରକାର ମଧ୍ୟ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ସିମୀତ ସମ୍ବଳ ମଧ୍ୟରେ ଉଚ୍ଚ ଶିକ୍ଷା ବିଭାଗ ପାଇଁ ବ୍ୟୟ ବରାଦ ପୂର୍ବ ବର୍ଷ ତୁଳନାରେ ଅଧିକ ରଖାଯାଇଛି । 2004–05 ବର୍ଷ ମୂଳ ବଜେଟରେ ମୋଟ 281.26 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ ଏହାକୁ ବୃଦ୍ଧି କରାଯାଇ 2005–06 ଆର୍ଥିକ ବର୍ଷରେ 305.54 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । 2004–05 ଆର୍ଥିକ ବର୍ଷରେ ଅଣ ଯୋଜନାରେ 218.17 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ 2005–06 ଆର୍ଥିକ ବର୍ଷ ପାଇଁ ଏହାକୁ 232.44 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । 2004–05 ଆର୍ଥିକ ବର୍ଷରେ ରାଜ୍ୟର ମୋଟ ଯୋଜନା ବ୍ୟୟ ମୂଳ ବଜେଟରେ 3250 କୋଟି ଟଙ୍କା ଅଟକଳ କରାଯାଇଥିଲା ବେଳେ ଉଚ୍ଚ ଶିକ୍ଷା ବିଭାଗ ପାଇଁ 63.09 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । କିନ୍ତୁ 2005–06 ଆର୍ଥିକ ବର୍ଷ ପାଇଁ ମୋଟ ରାଜ୍ୟ ଯୋଜନା ଅଟକଳ 3000 କୋଟି ଟଙ୍କା ହୋଇଥିଲା ବେଳେ ଉଚ୍ଚ ଶିକ୍ଷା ବିଭାଗ ପାଇଁ ରାଜ୍ୟ ଯୋଜନାରେ

73.10 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି 73.10 କୋଟି ଟଙ୍କା ମଧ୍ୟରୁ 10 କୋଟି ଟଙ୍କା ବକେୟା ବେତନ ଅନୁଦାନ ବାବଦକୁ ସ୍ୱତନ୍ତ୍ର ଭାବେ ରଖାଯାଇଛି । ଏହି ବକେୟା ଅନୁଦାନ ରାଶି ମଧ୍ୟରୁ ଯେଉଁମାନେ ଚାକିରୀରୁ ଅବସର ନେଲେଣି ବା ନିକଟ ଭବିଷ୍ୟତରେ ଅବସର ଗ୍ରହଣ କରିବେ ସେମାନଙ୍କ ପ୍ରାପ୍ୟ ଦେବା ପାଇଁ ପ୍ରାଥମିକତା ଦିଆଯିବ । ମୋଟ ବ୍ୟୟ ଅଟକଳ ମଧ୍ୟରୁ 2004–05 ଆର୍ଥିକ ବର୍ଷରେ ବେତନ ଅନୁଦାନ ବାବଦକୁ ରାଜ୍ୟ ଯୋଜନାରେ 57.25 କୋଟି ଟଙ୍କା ରଖାଯାଇଥିଲା ବେଳେ 2005–06 ଆର୍ଥିକ ବର୍ଷ ପାଇଁ ଏହାକୁ 68.05 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

- ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ରଭାବରେ ସେମାନଙ୍କର ବକେୟା ପେନ୍‌ସନ୍ ଇତ୍ୟାଦି ପାଇଁ ଚଳିତ ଆର୍ଥିକ ବର୍ଷର ଅତିରିକ୍ତ ବଜେଟରେ 5 କୋଟି ଟଙ୍କା ଓ 2005–06 ମସିହା ପାଇଁ 3 କୋଟି ଟଙ୍କା ଅଣଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

କୃଷି

34. ଆମ ରାଜ୍ୟର ଘରୋଇ ଉତ୍ପାଦନରେ କୃଷିର ଅବଦାନ ପ୍ରାୟ ଶତକଡା 30 ଭାଗ ଅଟେ । ରାଜ୍ୟର ଶତକଡା 70 ଭାଗରୁ ଅଧିକ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି । ତେଣୁ ରାଜ୍ୟରେ କୃଷିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କେହି ଅସ୍ୱୀକାର କରିପାରିବେ ନାହିଁ । କୃଷି କ୍ଷେତ୍ରରେ ଉନ୍ନତି ଏବଂ କୃଷି ଉତ୍ପାଦନ ଓ ଆୟର ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି । କୃଷି ଓ ଉଦ୍ୟାନ କ୍ଷେତ୍ରରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର ସମ୍ପୂର୍ଣ୍ଣ ସୁଯୋଗ ନେବା ପାଇଁ ଆସନ୍ତା ବର୍ଷ ବଜେଟ୍ ରେ ରାଜ୍ୟ ଅଂଶ ବାବଦରେ ବିଭିନ୍ନ କ୍ଷେତ୍ରରେ ଯଥା ବୃହତ କୃଷି ପରିଚାଳନା ISOPOM ଏବଂ ସମନ୍ୱିତ କପା ଉନ୍ନୟନ ଯୋଜନା ଇତ୍ୟାଦିରେ ଆବଶ୍ୟକୀୟ ଅର୍ଥ ବ୍ୟବସ୍ଥା କରାଯାଇଛି । 2005–06 ଆର୍ଥିକ ବର୍ଷ ପାଇଁ ବୃହତ କୃଷି ପରିଚାଳନା ଅର୍ନ୍ତଗତ Work Plan ପାଇଁ ରାଜ୍ୟ ଅଂଶ ବାବଦକୁ 4 କୋଟି ଟଙ୍କା ସମେତ 40 କୋଟି ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା ଅଛି । ସେହିପରି ଜାତୀୟ ଉଦ୍ୟାନ କୃଷି ମିଶନ ଅନ୍ତର୍ଗତ ଉଦ୍ୟାନ କୃଷିର ଉନ୍ନତି ପାଇଁ ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ଆସନ୍ତା ବଜେଟ୍‌ରେ 20 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଅନ୍ୟ ପକ୍ଷରେ ISOPOM ପାଇଁ ରାଜ୍ୟ ଅଂଶ ବାବଦ 2.5 କୋଟି ଟଙ୍କା ସମେତ 2005–06 ଆର୍ଥିକ ବର୍ଷରେ 10 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

ଆପଣମାନେ ଜାଣି ଖୁସି ହେବେ ଯେ ଜଳସେଚନ କ୍ଷେତ୍ରରେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ନଳକୂପ ଓ ଗଭୀରକୂପ ଖନନ ପାଇଁ ପ୍ରକଳ୍ପ ଖର୍ଚ୍ଚର 30 ପ୍ରତିଶତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ଅଛି । 2000–01 ମସିହାରୁ ଜଳ ବିଭାଜିକା ଉନ୍ନୟନ ପ୍ରକଳ୍ପ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । 2005–06 ମସିହା ବଜେଟ୍‌ରେ ରାଜ୍ୟର ଅଂଶ ବାବଦରେ ସମନ୍ୱିତ ଜଳ ବିଭାଜିକା ଉନ୍ନୟନ ପ୍ରକଳ୍ପ ଓ ମରୁଡି ପ୍ରବଣ ଅଞ୍ଚଳରେ ଜଳ ବିଭାଜିକା

ଉନ୍ନୟନ ପ୍ରକଳ୍ପ ପାଇଁ ଯଥାକ୍ରମେ 99.99 ଲକ୍ଷ ଟଙ୍କା ଏବଂ 255.77 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

କେ.ବି.କେ ଜିଲ୍ଲା ଗୁଡିକରେ ଦୀର୍ଘ ମିଆଦି କାର୍ଯ୍ୟକ୍ରମରେ କୃଷି ବିଭାଗ ପାଇଁ ମୋଟ 27.50 କୋଟି ଟଙ୍କା 2005–06 ବର୍ଷ ପାଇଁ ବ୍ୟୟ ବରାଦ କରାଯାଇଅଛି । ସେଥି ମଧ୍ୟରୁ 19.37 କୋଟି ଟଙ୍କା 314ଟି ସମନ୍ୱିତ ଜଳ ବିଭାଜିକା ଉନ୍ନୟନ ପ୍ରକଳ୍ପ ପାଇଁ ବ୍ୟୟ ବରାଦ କରାଯାଇଛି ଏବଂ 3.78 କୋଟି ଟଙ୍କା କେ.ବି.କେ ଜିଲ୍ଲା ଗୁଡିକରେ ମରୁଡି ପ୍ରବଣ ଅଞ୍ଚଳରେ ଜଳ ବିଭାଜିକା ଉନ୍ନୟନ ପ୍ରକଳ୍ପ ପାଇଁ ରାଜ୍ୟର ଅଂଶ ବାବଦକୁ ବ୍ୟୟ ବରାଦ କରାଯାଇଛି ।

- ମୋଟ ଉପରେ କୃଷି ବିଭାଗ ପାଇଁ 2005–06 ବଜେଟରେ ସମୁଦାୟ 343.47 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଓ ଏଥି ମଧ୍ୟରୁ ଅଣଯୋଜନାରେ 173.04 କୋଟି ଟଙ୍କା, ରାଜ୍ୟ ଯୋଜନାରେ 48.63 କୋଟି ଟଙ୍କା, କେନ୍ଦ୍ରୀୟ ଯୋଜନାରେ 59.60 କୋଟି ଟଙ୍କା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ 62.20 କୋଟି ଟଙ୍କା ଅନ୍ତର୍ଭୁକ୍ତ ।

ଜଳ ସେଚନ

35. ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ କୃଷି ଉତ୍ପାଦନ କ୍ଷେତ୍ରରେ ଅତିରିକ୍ତ ଜଳସେଚନ ସମ୍ଭାବନା ସୃଷ୍ଟି ଲାଗି ଜଳସମ୍ପଦ ଉନ୍ନୟନ ଓ ପରିଚାଳନା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ତେଣୁ ଆମ ସରକାର କୃଷକ ମାନଙ୍କୁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି । ଏତଦ୍‌ବ୍ୟତୀତ ସାମାଜିକ ଅର୍ଥନୈତିକ ଉନ୍ନତି, ଶିଳ୍ପ କ୍ଷେତ୍ରରେ ଉନ୍ନତି, ନୌ ପରିବହନ, ଜଳ ବିଦ୍ୟୁତ୍ ଉତ୍ପାଦନ, ଜଳଯୋଗାଣ ଏବଂ ବନ୍ୟା ନିୟନ୍ତ୍ରଣ ଇତ୍ୟାଦି ବିଭିନ୍ନ କ୍ଷେତ୍ର ରେ ଜଳସେଚନ ବିଭାଗର ଭୂମିକାକୁ ଅସ୍ୱୀକାର କରିହେବ ନାହିଁ । ଏହାର ଗୁରୁତ୍ୱ ଦୃଷ୍ଟିରୁ 2005–06 ଆର୍ଥିକ ବର୍ଷରେ ମୋଟ 540.65 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେଥି ମଧ୍ୟରୁ ରାଜ୍ୟ ଯୋଜନାରେ 338.75 କୋଟି ଟଙ୍କା, କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନାରେ 23.52 କୋଟି ଟଙ୍କା ଓ ଅଣଯୋଜନାରେ 178.38 କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ ।

କୃଷି ଉପଯୋଗୀ 65.59 ଲକ୍ଷ ହେକ୍ଟର ଜମି ମଧ୍ୟରୁ ପ୍ରାୟ 59.00 ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା ଯୋଗାଇ ଦିଆଯିବବୋଲି ଆଶା କରାଯାଉଛି । ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା କ୍ଷେତ୍ରରେ କେବଳ 39.49 ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିବ ବୋଲି ଆଶା କରାଯାଉଛି । ପ୍ରାଥମିକ ତଥ୍ୟ ଅନୁସାରେ 2004 ମସିହା ଜୁନ୍ ମାସ ସୁଦ୍ଧା 2651.15 ହଜାର ହେକ୍ଟର ଜମି ଜଳସେଚିତ ହୋଇପାରିଛି ।

ଆସନ୍ତା ସେଚ ବର୍ଷରେ (2005–06 ମସିହା ଜୁନ୍ 2006 ସୁଦ୍ଧା) ଅଧିକ 43274 ହେକ୍ଟର ଜମିରେ ଜଳସେଚନ ସୁବିଧା ଯୋଗାଇ ଦେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ତ୍ୱରାନ୍ୱିତ ଜଳସେଚନ ପ୍ରକଳ୍ପ (Accelerated Irrigation Benefit Programme) ଭାରତ ସରକାରଙ୍କ ଆର୍ଥିକ ସହାୟତା କ୍ରମେ 1996 ମସିହାରୁ କାର୍ଯ୍ୟକାରୀ ହେଉଛି । ଅଦ୍ୟାବଧି ବିଭିନ୍ନ କ୍ଷେତ୍ରରେ 18ଟି ପ୍ରକଳ୍ପ ଅନୁମୋଦିତ ହୋଇଅଛି । ଏହାର ସବିଶେଷ ତଥ୍ୟ ହେଲା –

1.ସାଧାରଣ ବର୍ଗ – 5ଗୋଟି ପ୍ରକଳ୍ପ
2.ସ୍ୱତନ୍ତ୍ର ବର୍ଗ – 8 ଗୋଟି ପ୍ରକଳ୍ପ
3.ଫାଷ୍ଟ ଟ୍ରାକ – 5ଗୋଟି ପ୍ରକଳ୍ପ

2005–06 ମସିହାରେ ଏହି ଯୋଜନା ପାଇଁ 195 କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି ।

ବିଜୁ କୃଷକ ଯୋଜନା ଅଧୀନରେ ଆଗାମୀ 5 ବର୍ଷରେ 2,38,400 ହେକ୍ଟର ଜମିକୁ ଜଳଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ରାଜ୍ୟସ୍ତରୀୟ ଚୟନ କମିଟି 95640 ହେକ୍ଟର ପରିମିତ ଜମିର ଆୟକଟ ଏରିଆ ମଧ୍ୟରେ 306.185 କୋଟି ଟଙ୍କା ବ୍ୟୟରେ 3636 ଗୋଟି ଉଠା ଜଳସେଚନ ପ୍ରକଳ୍ପ ଓ 226 ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥି ମଧ୍ୟରୁ 151.15 କୋଟି ଟଙ୍କା ବ୍ୟୟରେ 47,047 ହେକ୍ଟର ପରିମିତ ଆୟକଟ୍ ଏରିଆ ମଧ୍ୟରେ କେ.ବି.କେ ଜିଲ୍ଲା ପାଇଁ ଯଥାକ୍ରମେ 1818 ଉଠା ଜଳସେଚନ ପଏଣ୍ଟ ଓ 52 ଗୋଟି ଉଠା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସ୍ଥାପନ ଲାଗି ପ୍ରସ୍ତାବ ରଖାଯାଇଛି । ଏଥି ନିମନ୍ତେ ବର୍ତ୍ତମାନ ସୁଦ୍ଧା 65.94 କୋଟି ଟଙ୍କା ଦିଆ ସରିଲାଣି । ମୁଁ ଏଠାରେ ସୁଚାଇ ଦେବାକୁ ଚାହେଁ ଯେ କେ.ବି.କେ. ଜିଲ୍ଲା ରେ ଏବଂ ଅଣ କେ.ବି.କେ. ଜିଲ୍ଲାରେ ଯଥାକ୍ରମେ 804 ଗୋଟି ଏବଂ 205 ଗୋଟି ଉଠା ଜଳସେଚନ ପ୍ରକଳ୍ପ ସ୍ଥାପିତ ହୋଇସାରିଲାଣି ଏବଂ ଏହାଦ୍ୱାରା 15338 ହେକ୍ଟର ଜମିରେ ଜଳସେଚନର ସୁଯୋଗ ସୃଷ୍ଟି କରାଯାଇ ପାରିଛି । 2005–06 ଆର୍ଥିକ ବର୍ଷପାଇଁ ଖରିଫ୍ ଏବଂ ରବି ଫସଲ ପାଇଁ ଯଥାକ୍ରମେ 20 ହଜାର ହେକ୍ଟର ଓ 12 ହଜାର ହେକ୍ଟର ପରିମିତ ଆୟକଟ୍ ଏରିଆରେ 1000 ଟି ନୂଆ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଯୋଜନା ରହିଛି ।

ଗୃହ ଓ ନଗର ଉନ୍ନୟନ

36. 103ଟି ପୌରାଞ୍ଚଳରେ ପ୍ରାୟ 55 ଲକ୍ଷ ଜନସାଧାରଣଙ୍କ ପାନୀୟ ଜଳଯୋଗାଣ, ପରିମଳ, ରାସ୍ତା, ନାଳନର୍ଦ୍ଦମା, ଭୂତଳ ନାଳ, ରାସ୍ତାଲୋକ, ଗୃହ ନିର୍ମାଣ ଆଦିର ସୁବନ୍ଦୋବସ୍ତ ଓ ସୁପରିଚାଳନା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପାଇଁ 2005–06 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ମୋଟ 90.56 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ମଧ୍ୟରେ Accelerated Urban Water Supply Scheme ପାଇଁ 6 କୋଟି ଟଙ୍କା, Integrated Small and Medium Townର ଉନ୍ନତି ପାଇଁ 3.70 କୋଟି

ଟଙ୍କା, SJSY ପାଇଁ 0.50 କୋଟି ଟଙ୍କା ଏବଂ Urban Renewal Programme ପାଇଁ 2 କୋଟି ଟଙ୍କା ମିଶାଇ ରାଜ୍ୟର ଅଂଶବାବଦକୁ ମୋଟ 12.20 କୋଟି ଟଙ୍କା ରାଜ୍ୟ ଯୋଜନା ଅଧିନରେ ବ୍ୟୟ ବରାଦ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ 2004–05 ମୂଳ ବଜେଟ ରେ ଏଥି ନିମିତ୍ତ ରାଜ୍ୟର ଅଂଶ ବାବଦକୁ ମାତ୍ର 2.20 କୋଟି ଟଙ୍କା ରାଜ୍ୟ ଯୋଜନା ଅଧିନରେ ବ୍ୟୟ ବରାଦ କରାଯାଇଥିଲା ।

ଏତଦ୍‌ବ୍ୟତିତ ସହରାଞ୍ଚଳ ବସ୍ତି ଉନ୍ନୟନ ପାଇଁ 10.45 କୋଟି ଟଙ୍କା ଓ ପୌରାଞ୍ଚଳ ଭିତ୍ତି ଉନ୍ନୟନ (ISUI) ପାଇଁ 9.65 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । କେ.ବି.କେ ଜିଲ୍ଲା ଗୁଡିକୁରେ ପୌରାଞ୍ଚଳ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାପାଇଁ 10 କୋଟି ଟଙ୍କା ମଧ୍ଯ ବ୍ୟୟ ବରାଦ ଅନ୍ତର୍ଭୁକ୍ତ ଅଟେ । ପୁନଶ୍ଚ Eco City ପୁରୀ ପାଇଁ 1 କୋଟି ଟଙ୍କା ଓ ପ୍ରକଳ୍ପ ନିର୍ମାଣ ଓ ସମୀକ୍ଷା ଗତ ଦକ୍ଷତା ବୃଦ୍ଧି ପାଇଁ 1 କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ବ୍ୟୟ ବରାଦ କରାଯାଇଛି । ରାଜ୍ୟ ଅଣ ଯୋଜନାରେ 2004–05 ମୂଳ ବଜେଟରେ ବିଭିନ୍ନ ପୌରସଂସ୍ଥା ଗୁଡିକ ପ୍ରବେଶ କର ଭରଣା ବାବଦକୁ 118.05 କୋଟି ଟଙ୍କା ଦିଆଯାଇଥିଲା ବେଳେ 2005–06 ଆର୍ଥିକ ବର୍ଷରେ ଏହାକୁ 129.85 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

ମୋଟ ଉପରେ ପୌର ଓ ଗୃହ ନିର୍ମାଣ ବିଭାଗ ପାଇଁ 2005–06 ମସିହାରେ 424.62 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଏବଂ ଏଥି ମଧ୍ଯରେ ରାଜ୍ୟ ଯୋଜନା ବାବଦକୁ 90.56 କୋଟି ଟଙ୍କା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ 39.05 କୋଟି ଟଙ୍କା ଓ ଅଣଯୋଜନାରେ 289.85 କୋଟି ଟଙ୍କା ଅର୍ନ୍ତଭୁକ୍ତ ଅଟେ ।

ଗ୍ରାମ୍ୟ ଉନ୍ନୟନ

37. ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶପାଇଁ ରାସ୍ତା ନିର୍ମାଣ, ରାସ୍ତା ଉନ୍ନତିକରଣ, ଗୁରୁତ୍ୱପୂର୍ଣ୍ଣ କୋଠାବାଡି ନିର୍ମାଣ, ନିରାପଦ ପାନୀୟ ଜଳ ଯୋଗାଣ ଓ ଉତ୍ତମ ପରିମଳ ସେବା ପ୍ରଦାନ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି । ଏ ସମସ୍ତ କାର୍ଯ୍ୟର ସଫଳ ରୂପାୟନ ପାଇଁ 2005–06 ଆର୍ଥିକ ବର୍ଷ ବଜେଟରେ ରାଜ୍ୟ ଯୋଜନାରେ ଏଥି ପାଇଁ 107.58 କୋଟି ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା କରାଯାଇଛି । ଏଥି ମଧ୍ଯରୁ ତ୍ୱରାନ୍ୱିତ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଓ ଗ୍ରାମୀଣ ପରିମଳ ପାଇଁ ରାଜ୍ୟର ଅଂଶ ବାବଦକୁ 54.40 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଉଲ୍ଲେଖନୀୟ ଯେ କେ.ବି.କେ ଜିଲ୍ଲା ପାଇଁ 9.00 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଯୋଜନା ପାଇଁ 30.00 କୋଟି ଟଙ୍କା ଓ ଅନ୍ୟାନ୍ୟ ସୂତ୍ରରୁ 15.40 କୋଟି ଟଙ୍କା ଏହାର ଅନ୍ତର୍ଭୁକ୍ତ ।

**ଏତଦ୍ ବ୍ୟତୀତ ବିଧାନସଭା ନିର୍ବାଚନ ମଣ୍ଡଳୀ ଭିତ୍ତିରେ (Constituency-wise Allotment) ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ 14.50 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।**

ଗ୍ରାମାଞ୍ଚଳରେ ରାସ୍ତା ଓ ସେତୁ ନିର୍ମାଣ ନିମନ୍ତେ କୃଷି ଓ ଜାତୀୟ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ୍ (NABARD) ସହାୟତାରେ 2005–06 ଆର୍ଥିକ ବର୍ଷରେ 40ଟି ପୋଲ ଓ 288କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ପ୍ରସ୍ତାବ ରଖାଯାଇଛି । କେ.ବି.କେ ଜିଲ୍ଲାମାନଙ୍କରେ ଗମନାଗମନର ଉନ୍ନତି ନିମନ୍ତେ ପରିବର୍ତ୍ତିତ ଦୀର୍ଘମିଆଦୀ କାର୍ଯ୍ୟଖସଡା (RLTAP) ମାଧ୍ୟମରେ ଚଳିତ 2004–05 ବର୍ଷରେ ଏ ପର୍ଯ୍ୟନ୍ତ 13ଟି ପୋଲର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଅଛି ଏବଂ 2005–06 ବର୍ଷପାଇଁ 8ଟି ପୋଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଗ୍ରାମାଞ୍ଚଳରେ ରାସ୍ତାଘାଟ ନିର୍ମାଣ ପାଇଁ 2005–06 ବର୍ଷପାଇଁ ରାଜ୍ୟ ଯୋଜନାରେ 53.18 କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଅଛି । ସେଥି ମଧ୍ୟରେ NABARD ସହାୟତାରେ ରାସ୍ତା ଓ ପୋଲ ନିର୍ମାଣ ପାଇଁ 27.27 କୋଟି ଟଙ୍କା, କେ.ବି.କେ ଜିଲ୍ଲା ପାଇଁ 7.50 କୋଟି ଟଙ୍କା, ପ୍ରସ୍ତାବିତ ବୈଦେଶିକ ସାହାଯ୍ୟପ୍ରାପ୍ତ ରାସ୍ତା ଓ ପୋଲ ନିର୍ମାଣ ପାଇଁ 1.91 କୋଟି ଟଙ୍କା ଓ ପ୍ରକଳ୍ପ ନିର୍ମାଣ ଓ ସମୀକ୍ଷାଗତ ଦକ୍ଷତା ବୃଦ୍ଧି ପାଇଁ 1 କୋଟି ଟଙ୍କା ଅନ୍ତର୍ଭୁକ୍ତ ।

ମୋଟ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ 2005–06 ମସିହାରେ 339.89 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଓ ସେଥିପାଇଁ ରାଜ୍ୟ ଯୋଜନା ବାବଦକୁ 107.58 କୋଟି ଟଙ୍କା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ 89.47 କୋଟି ଟଙ୍କା ଓ ଅଣ–ଯୋଜନାରେ 142.84 କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ । **ଏତଦ୍ ବ୍ୟତୀତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାଜ୍ୟ ବଜେଟ୍ ବାହାରେ ବର୍ଷକୁ ପ୍ରାୟ ହାରା ହାରି 200 କୋଟି ଟଙ୍କା ରାଜ୍ୟକୁ ମିଳୁଛି ।**

**ରାସ୍ତାଘାଟ ଭିତ୍ତିଭୂମି ଉନ୍ନୟନ– ନିର୍ମାଣ ବିଭାଗ**

38. ରାଜ୍ୟର ଦ୍ରୁତ ଶିଳ୍ପାୟନ ଦୃଷ୍ଟିରୁ ତଥା ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନସ୍ଥଳୀ ଗୁଡିକୁ ଗମନାଗମନର ଉନ୍ନତି କରିବା ନିହାତି ଆବଶ୍ୟକ ହେଉଛି । ଏଥି ନିମିତ୍ତ ନିର୍ମାଣ ବିଭାଗ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି । 2004–05 ମସିହାରେ କେନ୍ଦ୍ରୀୟ ରାସ୍ତା ପାଣ୍ଠି (Central Roads Fund) ରୁ ରାଜ୍ୟ ଯୋଜନା ପାଇଁ 27.27 କୋଟି ଟଙ୍କା ଯୋଜନା କମିଶନ ଅନୁମୋଦନ କରିଥିବା ବେଳେ ନିଜେ ଯୋଜନା କମିଶନର ଉପାଧ୍ୟକ୍ଷ ଏ ବାବଦରେ କେନ୍ଦ୍ରୀୟ ଅନୁଦାନକୁ 2005–06 ମସିହା ପାଇଁ 50.00 କୋଟି ଟଙ୍କାକୁ ବୃଦ୍ଧି କରିଅଛନ୍ତି । ସମସ୍ତ ନୂତନ ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ଓ ଅସଂପୂର୍ଣ୍ଣ ଥିବା ପ୍ରକଳ୍ପ ଗୁଡିକ ପାଇଁ 2005–06 ମସିହାର ବଜେଟରେ 50.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରେ କଟକ–ପାରାଦୀପ ରାସ୍ତା ପାଇଁ 10.00 କୋଟି ଟଙ୍କା ଓ

ବାରିକ୍‌ପୁର ଠାରୁ ବନ୍ତ ଭାୟା କେନ୍ଦୁଆପଦା ରାସ୍ତାର ଉନ୍ନତିକରଣ ପାଇଁ 6.73 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଏତଦ୍‌ବ୍ୟତୀତ ଯୋଜନା କମିଶନ ମଞ୍ଜୁର କରିଥିବା ଏକ କାଳୀନ ରାଜ୍ୟ ଯୋଜନା ପାଇଁ ଅତିରିକ୍ତ କେନ୍ଦ୍ରୀୟ ସହାୟତା ମଧ୍ୟରୁ ଖଣି ଅଞ୍ଚଳ, ଶିଳ୍ପାଞ୍ଚଳ, ପର୍ଯ୍ୟଟନ ପ୍ରାଧାନ୍ୟ ଅଞ୍ଚଳ ଗୁଡିକ ପାଇଁ ରାସ୍ତାର ପୁନଃ ନିର୍ମାଣ ଓ ପ୍ରଶସ୍ତି କରଣ ପାଇଁ 34.81 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ସେଥି ମଧ୍ୟରୁ ପ୍ରକଳ୍ପ ନିର୍ମାଣ ଓ ସମୀକ୍ଷାଗତ ଦକ୍ଷତା ବୃଦ୍ଧି ପାଇଁ 1 କୋଟି ଟଙ୍କା ଏବଂ ଅବଶିଷ୍ଟ 33.81 କୋଟି ଟଙ୍କା ବିଭିନ୍ନ ରାସ୍ତା ପାଇଁ ବ୍ୟୟବରାଦ କରାଯାଇଛି । ସେହି ରାସ୍ତା ଗୁଡିକ ହେଉଛି –

(କୋଟି ଟଙ୍କାରେ)

| | |
|---|---|
| ରାଜନଗର ଠାରୁ ଗୁପ୍ତି | 8.81 |
| ପଟାମୁଣ୍ଡାଇ ଠାରୁ ଭିତର କନିକା ଭାୟା ରାଜକନିକା – ଜୟନଗର | 12.00 |
| ପୁରୀ ଠାରୁ ସାତପଡା | 2.64 |
| ବାଘମାରି ଠାରୁ କଳାପଥର | 1.00 |
| ପାଟଣା ଗଡ ଠାରୁ ପଦ୍ମପୁର | 2.00 |
| ଗୋପ ଠାରୁ ପିପିଲି | 3.36 |
| ବଡବିଲ ଠାରୁ କିରିବୁରୁ | 1.50 |
| ସୁଆକାଟି ଠାରୁ ଡୁବୁନା | 1.50 |
| ଦାନଗଦି ଠାରୁ ଏନ୍.ଏଚ୍–200କୁ ସଂଯୋଗ କରୁଥିବା ରାସ୍ତା | 1.00 |

କେ.ବି.କେ ଜିଲ୍ଲା ଗୁଡିକର ଭିତ୍ତିଭୂମିର ଉନ୍ନତିକରଣ ପାଇଁ କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟ ସରକାର ଫଳପ୍ରଦ ପଦକ୍ଷେପ ନେଇଛନ୍ତି । 2001–02 ରୁ 2004–05 ମଧ୍ୟରେ ଉପଲବ୍ଧ ହୋଇଥିବା କେନ୍ଦ୍ରୀୟ ସହାୟତା ମଧ୍ୟରୁ 46.50 କୋଟି ଟଙ୍କା ବ୍ୟୟରେ 22 ଗୋଟି ସେତୁ ଓ 90 ଗୋଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି । ଏ ପର୍ଯ୍ୟନ୍ତ ଜାନୁୟାରୀ 2005 ଶେଷ ସୁଦ୍ଧା 3673.28 ଲକ୍ଷ ଟଙ୍କା ଉପଯୋଗ ହୋଇ 5 ଗୋଟି ସେତୁ ଓ 82 ଗୋଟି ରାସ୍ତା ପ୍ରକଳ୍ପ ସଂପୂର୍ଣ୍ଣ ହୋଇଅଛି ଓ ସମସ୍ତ ରାସ୍ତା ପ୍ରକଳ୍ପ ମାର୍ଚ୍ଚ 2005 ମଧ୍ୟରେ ସଂପୂର୍ଣ୍ଣ ହେବାର ଆଶା କରାଯାଇଅଛି । ନିର୍ମାଣାଧୀନ ସେତୁ କାର୍ଯ୍ୟ ପାଇଁ 2005–06 ବର୍ଷରେ 12.50 କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ରହିଛି ।

ନାବାର୍ଡ ସହାୟତାରେ ଗ୍ରାମାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ମାଧ୍ୟମରେ ଅଦ୍ୟାବଧି 100 ଗୋଟି ସେତୁ ନିର୍ମାଣ ସହ 64 ଗୋଟି ରାସ୍ତା ପ୍ରକଳ୍ପର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର ହୋଇଅଛି । ସେଥି ମଧ୍ୟରୁ 2004–05 ବର୍ଷରେ 6 ଗୋଟି ସେତୁ ଓ 7 ଗୋଟି ରାସ୍ତା ପ୍ରକଳ୍ପ ମଞ୍ଜୁର ହୋଇଅଛି । ମଞ୍ଜୁର ପ୍ରାପ୍ତ ହୋଇଥିବା ସମୁଦାୟ ପ୍ରକଳ୍ପ ମଧ୍ୟରୁ ଜାନୁୟାରୀ 2005 ମଧ୍ୟରେ 62 ଗୋଟି ସେତୁ ଓ 14 ରାସ୍ତା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଅଛି । 2005–06 ବର୍ଷ ମଧ୍ୟରେ ପାଣ୍ଠି ଉପଲବ୍ଧ ପରେ 25 ଗୋଟି ସେତୁ ଓ 30 ଗୋଟି ରାସ୍ତା ପ୍ରକଳ୍ପ ସଂପୂର୍ଣ୍ଣ କରିବାର ଲକ୍ଷ୍ୟ ରଖି 60.66 କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଅଛି ।

JBIC ପାଣ୍ଠିରେ 805.05 କି.ମି. ରାସ୍ତାର ଉନ୍ନତିକରଣ ପାଇଁ 715.30 କୋଟି ବ୍ୟୟ ଅଟକଳରେ 14 ଗୋଟି ରାସ୍ତା ପ୍ରକଳ୍ପ ଓ ବିଶ୍ୱ ବ୍ୟାଙ୍କ ପାଣ୍ଠିରେ 2197.74 କି.ମି. ରାସ୍ତାର ଉନ୍ନତିକରଣ ପାଇଁ 1642.44 କୋଟି ଟଙ୍କା ବ୍ୟୟ ଅଟକଳରେ 27 ଗୋଟି ରାସ୍ତା ପ୍ରକଳ୍ପ ଭାରତ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି । ଏଥି ନିମିତ୍ତ 2005–06 ବର୍ଷ ବଜେଟରେ 2.81 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

ମୋଟ ଉପରେ 2005–06 ମସିହା ପାଇଁ ରାଜ୍ୟ ଯୋଜନାରେ ପୂର୍ତ୍ତ ବିଭାଗ ଅଧିନରେ ରାସ୍ତା ଓ ପୋଲ ନିର୍ମାଣ ଓ ଉନ୍ନତିକରଣ ବାବଦକୁ 166.58 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ଏତଦ୍‌ବ୍ୟତୀତ ଅଣ ଯୋଜନାରେ ରାସ୍ତାର ମରମତି ଓ ଉନ୍ନତିକରଣ ପାଇଁ ନିର୍ମାଣ ବିଭାଗର ବଜେଟରେ 2005–06 ଆର୍ଥିକ ବର୍ଷ ପାଇଁ 88.32 କୋଟି ଟଙ୍କା ଓ ବିଭିନ୍ନ ସ୍ଥାନରେ ରେଲୱେ ଓଭରବ୍ରିଜ ପାଇଁ 5.52 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

ମୋଟ ଉପରେ ନିର୍ମାଣ ବିଭାଗ ପାଇଁ 2005–06 ମସିହାରେ 402.59 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଏବଂ ତାହା ମଧ୍ୟରୁ ଅଣଯୋଜନାରେ 228.60 କୋଟି ଟଙ୍କା, ରାଜ୍ୟ ଯୋଜନାରେ 166.58 କୋଟି ଟଙ୍କା, କେନ୍ଦ୍ରୀୟ ଯୋଜନାରେ 6.62 କୋଟି ଟଙ୍କା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ 0.79 କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ ।

ଯୋଜନା ଓ ସମନ୍ୱୟ ବିଭାଗ

ପଶ୍ଚିମ ଓଡିଶା ବିକାଶ ପରିଷଦ

39. ରାଜ୍ୟର ପଶ୍ଚିମାଞ୍ଚଳରେ ଥିବା କେତେକ ପଛୁଆ ଜିଲ୍ଲାଗୁଡିକର ଉନ୍ନତିକୁ ତ୍ୱରାନ୍ୱିତ କରିବାପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ କରାଯାଇଛି । ଏହି ପରିଷଦକୁ ପ୍ରତ୍ୟେକ ବର୍ଷ 50 କୋଟି ଟଙ୍କା ଅନୁଦାନ ଦିଆଯିବାର ବ୍ୟବସ୍ଥା କରାଯାଇଛି । 2004–05 ଆର୍ଥିକ ବର୍ଷରେ ପରିଷଦକୁ 50 କୋଟି ଟଙ୍କା ଦିଆ ଯାଇଛି । 2005–06 ମସିହା ପାଇଁ ବର୍ତ୍ତମାନ 30 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଓ ଅବଶିଷ୍ଟ 20 କୋଟି ଟଙ୍କା ଅତିରିକ୍ତ ବଜେଟରେ ବ୍ୟବସ୍ଥା କରାଯିବ ।

ରାଷ୍ଟ୍ରୀୟ ଶ୍ରମ ବିକାଶ ଯୋଜନା

- ଅନଗ୍ରସର ଅଞ୍ଚଳଗୁଡିକର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଆଞ୍ଚଳିକ ବୈଷମ୍ୟକୁ ହ୍ରାସ କରିବାର ଆଭିମୁଖ୍ୟ ନେଇ ଯୋଜନା ଆୟୋଗ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ଭିତ୍ତିରେ –"ରାଷ୍ଟ୍ରୀୟ ସମ ବିକାଶ ଯୋଜନା" ର "ଅନଗ୍ରସର ଜିଲ୍ଲା ପଦକ୍ଷେପ" ରେ ଓଡିଶାର ପାଞ୍ଚଟି ଜିଲ୍ଲା ଯଥା – ଗଞ୍ଜାମ, ମୟୁରଭଞ୍ଜ, ଗଜପତି, କେଉଁଝର ଓ ସୁନ୍ଦରଗଡ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିଛନ୍ତି । ଏଥିପାଇଁ 2005–06 ବଜେଟ୍ ରେ 75 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଏତଦ୍‌ବ୍ୟତୀତ ଫୁଲବାଣୀ ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ 2005–06 ବଜେଟ୍‌ରେ ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତାରୁ 20 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

କେ.ବି.କେ.

କେ.ବି.କେ. ଜିଲ୍ଲାଗୁଡିକରେ ଗମନାଗମନର ସୁବିଧା ନିମନ୍ତେ, ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ସଂଯୋଗୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି । ଏହା 2003–04 ବର୍ଷରୁ ଆରମ୍ଭ ହୋଇ ତିନୋଟି ପର୍ଯ୍ୟାୟରେ 5 ବର୍ଷ ପାଇଁ କାର୍ଯ୍ୟକାରୀ ହେବ । ଏଥିପାଇଁ 3311.55 କୋଟି ଟଙ୍କାର ଖର୍ଚ୍ଚ ଅଟକଳ ରଖାଯାଇଅଛି । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟର କାର୍ଯ୍ୟକାରିତା ନିମନ୍ତେ ଯୋଜନା କମିଶନ 828.10 କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଏହା ଅଧିନରେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ 211 କୋଟି ଟଙ୍କାର ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟର କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଯୋଜନା କମିଶନଙ୍କ ସକ୍ରିୟ ବିଚାରାଧୀନ ଅଛି । କେ.ବି.କେ. ଜିଲ୍ଲା ଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସଂପୃକ୍ତ ବିଭାଗମାନଙ୍କ ବଜେଟରେ ମୋଟ 250 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

MLALAD

40. 2004–05 ଆର୍ଥିକ ବର୍ଷରେ ମୂଳ ବଜେଟ୍‌ରେ ରାଜ୍ୟ ଯୋଜନା ପାଇଁ 3250 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ MLALAD ପାଇଁ 73.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । 2005–06 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନା ବ୍ୟୟ ବରାଦ 3000 କୋଟି ଟଙ୍କା ହୋଇଥିଲେ ମଧ୍ୟ MLALAD ବାବଦକୁ ସେହି 73.50 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏଠାରେ ସୂଚାଇ ଦିଆଯାଇପାରେ ଯେ ଖାଦ୍ୟ ପାଇଁ କାମ ଯୋଜନାରେ ଅନେକ ଗୁଡିଏ ରାସ୍ତା ଘାଟର ମରାମତି ଓ ଉନ୍ନତିକରଣ ହୋଇପାରିବ । ଯେଉଁ ବିଧାୟକ ବନ୍ଧୁମାନେ MLALAD ରୁ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ରାଜ୍ୟ ଅଂଶ ବାବଦକୁ କିଛି ଅଂଶ ଦେବା ପାଇଁ ସ୍ଥିର କରିବେ ତାହାର 3 ଗୁଣ କେନ୍ଦ୍ରୀୟ ସାହାଯ୍ୟ ତାଙ୍କ ନିର୍ବାଚନ ମଣ୍ଡଳୀ ପାଇଁ ମିଳି ପାରିବ । ଏହି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଗ୍ରାମ୍ୟ ଜଳ ଯୋଗାଣ, ସଂପୂର୍ଣ୍ଣ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା, କ୍ଷୁଦ୍ର ସହର ଉନ୍ନୟନ ଯୋଜନା ଓ ତ୍ୱରାନ୍ୱିତ ସହରାଞ୍ଚଳ ପାନୀୟ ଜଳ ଯୋଗାଣ ଇତ୍ୟାଦି ଅନ୍ତର୍ଭୁକ୍ତ ।

ଦାରିଦ୍ର୍ୟ ଦୂରୀକରଣ– ପଞ୍ଚାୟତିରାଜ ବିଭାଗ

41. ପଞ୍ଚାୟତିରାଜ ବିଭାଗ ଗ୍ରାମାଞ୍ଚଳ ଲୋକଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଗରିବ ଲୋକମାନଙ୍କୁ କର୍ମ ନିଯୁକ୍ତି ତଥା ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ସାଧନ କରିବା ହେଉଛି ଏହି ବିଭାଗର ମୂଳ ଲକ୍ଷ୍ୟ ।

- ଗରିବ ମାନଙ୍କ ପାଇଁ ଆତ୍ମ ସହାୟକ ଗୋଷ୍ଠି ଗଠନ, ପ୍ରଶିକ୍ଷଣ, ଋଣ ପ୍ରଦାନ, ପ୍ରଯୁକ୍ତି, ଭିତ୍ତିଭୂମି ସ୍ଥାପନ ଏବଂ ବିପଣନ ପ୍ରଭୃତି ସବୁ ଦୃଷ୍ଟିରୁ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ଏକ ଆତ୍ମ ନିଯୁକ୍ତି ପ୍ରଦାନକାରୀ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଅଟେ । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା 3 ବର୍ଷ ମଧ୍ୟରେ ଗରିବ ପରିବାର ଗୁଡିକୁ ବ୍ୟାଙ୍କ ଋଣ ଓ ସରକାରୀ ରିହାତି ମାଧ୍ୟମରେ ଉପାର୍ଜନକ୍ଷମ କରାଯାଇ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବା । ଏହି କାର୍ଯ୍ୟକ୍ରମ ଅଧୀନରେ 3,69,784 ହିତାଧିକାରୀଙ୍କୁ Micro Credit ଯୋଗାଇ ଦିଆଯାଇଛି ।
- ଏତଦ୍‌ବ୍ୟତୀତ ବିଜୁ ବଜାର ଯୋଜନା ମାଧ୍ୟମରେ 2000 ମସିହାରୁ ଜାନୁଆରୀ 2005 ପର୍ଯ୍ୟନ୍ତ 9,836 ଗୋଟି ଦୋକାନ ଘର ତିଆରି କରାଯାଇଛି । ଏହି ଦୋକାନ ଘର ଗୁଡିକ ଗ୍ରାମାଞ୍ଚଳରେ ଥିବା ବେକାର ଯୁବକ ଏବଂ ଯୁବତୀ ମାନଙ୍କୁ ଆତ୍ମ ନିଯୁକ୍ତି ଦେବା ନିମନ୍ତେ ଉଦ୍ଦିଷ୍ଟ ।
- ଦାରିଦ୍ର୍ୟ ଦୂରୀକରଣ ଏବଂ ନିଯୁକ୍ତି ପ୍ରଦାନର ମୂଳଲକ୍ଷ୍ୟକୁ ଆଖି ଆଗରେ ରଖି 2005–06 ଆର୍ଥିକ ବର୍ଷରେ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 426.40 କୋଟି ଟଙ୍କା ପଞ୍ଚାୟତରାଜ ବିଭାଗ ପାଇଁ ବ୍ୟୟ ବରାଦ କରାଯାଇଛି । ତନ୍ମଧ୍ୟରୁ 208 କୋଟି ଟଙ୍କା ରାଜ୍ୟ ଯୋଜନା ଓ 218.10 କୋଟି ଟଙ୍କା ଅଣଯୋଜନା ପାଇଁ ଉଦ୍ଦିଷ୍ଟ । ରାଜ୍ୟ ଯୋଜନାରେ 208 କୋଟି ଟଙ୍କା ମଧ୍ୟରୁ ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନା ପାଇଁ ରାଜ୍ୟ ଅଂଶ ବାବଦକୁ 199.55 କୋଟି ଟଙ୍କା, କେ.ବି.କେ ଜିଲ୍ଲାରେ ସ୍ୱୟଂସହାୟକ ଗୋଷ୍ଠି ଜରିଆରେ Rural livelihood support through plantation crops କାର୍ଯ୍ୟକ୍ରମ ପାଇଁ 7 କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଯାଇଛି ।

ଏତଦ୍‌ବ୍ୟତୀତ ରାଜ୍ୟ ବଜେଟ୍ ବାହାରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ, କର୍ମନିଯୁକ୍ତି, ଗ୍ରାମ୍ୟ ଉନ୍ନୟନ, ଇନ୍ଦିରା ଆବାସ, ଇତ୍ୟାଦି ପାଇଁ ବର୍ଷକୁ ପ୍ରାୟ 600 କୋଟି ରୁ 700 କୋଟି ଟଙ୍କା ଡି.ଆର.ଡି.ଏ ଜରିଆରେ ରାଜ୍ୟକୁ ମିଳୁଛି ।

କାମପାଇଁ ଖାଦ୍ୟ ଜାତୀୟ ଯୋଜନା (National Food for Work Programme)

42. 2004–05 ବର୍ଷରେ କେନ୍ଦ୍ର ସରକାରଙ୍କ ସହାୟତାରେ କାମପାଇଁ ଖାଦ୍ୟ ଯୋଜନା 18ଟି ଅନଗ୍ରସର ଜିଲ୍ଲାରେ ପ୍ରବର୍ତ୍ତନ କରାଯାଇଛି ।

ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି ଯୋଜନାର ରୂପାୟନ ପାଇଁ 232.89 କୋଟି ଟଙ୍କା ଏବଂ 2,28,863 ମେଟ୍ରିକ ଟନ ଖାଦ୍ୟଶସ୍ୟ ପ୍ରଦାନ କରିଛନ୍ତି । ଖାଦ୍ୟଶସ୍ୟ ପରିବହନ ବାବଦକୁ ଖର୍ଚ୍ଚ ପାଇଁ ଏହି କାର୍ଯ୍ୟକ୍ରମ ଅଧିନରେ ରାଜ୍ୟ ଯୋଜନାରେ 20 କୋଟି ଟଙ୍କା ରାଜ୍ୟ ଅଂଶ ବାବଦକୁ 199.55 କୋଟି ଟଙ୍କା ବ୍ୟୟ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି ।

ଜଙ୍ଗଲ ଓ ପରିବେଶ

43. ଜଙ୍ଗଲ ଓ ପରିବେଶ ବିଭାଗ, ରାଜ୍ୟ ଅର୍ଥନୀତି ଉପରେ ବିଶଷତଃ ଗ୍ରାମାଞ୍ଚଳରେ ହରିଜନ ଓ ଆଦିବାସୀ ଜନସାଧାରଣଙ୍କ ଆର୍ଥିକ ସ୍ଥିତି ଉପରେ ବିଶେଷ ପ୍ରଭାବ ପକାଇଥାଏ । ବନୀକରଣ କାର୍ଯ୍ୟକ୍ରମ ସେମାନଙ୍କୁ ଖାଦ୍ୟ ଯୋଗାଇବା ସଙ୍ଗେସଙ୍ଗେ ଦୈନନ୍ଦିନ ଜୀବିକା ନିର୍ବାହରେ ମଧ୍ୟ ସାହାଯ୍ୟ କରିଥାଏ ।

ସ୍ଥାନୀୟ ଲୋକଙ୍କୁ ସାମିଲ କରାଯାଇ ଯୌଥ ଜଙ୍ଗଲ ପରିଚାଳନା ଦ୍ୱାରା ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ବନ ସୁରକ୍ଷା ସମିତିମାନ ଗଠନ କରାଯାଇଛି । ଆପଣମାନେ ଜାଣି ଖୁସି ହେବେ ଯେ 2004 ମସିହା ସେପ୍ଟେମ୍ବର ମାସ ସୁଦ୍ଧା 7358 ଟି ବନସୁରକ୍ଷା ସମିତି ଗଠିତ ହୋଇସାରିଛି ଏବଂ 8039 ବର୍ଗ କି.ମି. ଜଙ୍ଗଲ ଅଞ୍ଚଳ ଏହି ବନ ସୁରକ୍ଷା ସମିତି ଦ୍ୱାରା ପରିଚାଳିତ ହେଉଛି ।

2005–06 ଆର୍ଥିକ ବର୍ଷରେ କେ.ବି.କେ ଜିଲ୍ଲା ଗୁଡିକରେ 13,890 ହେକ୍ଟର ଜମିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ନିମନ୍ତେ 15 କୋଟି ଟଙ୍କାର ବ୍ୟବସ୍ଥା ରଖାଯାଇଛି ।

2005–06 ଆର୍ଥିକ ବର୍ଷ ରାଜ୍ୟ ଯୋଜନା, କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନା ଏବଂ କେନ୍ଦ୍ରୀୟ ଯୋଜନା ପାଇଁ ଯଥାକ୍ରମେ 20.43 କୋଟି ଟଙ୍କା, 5 କୋଟି ଟଙ୍କା ଏବଂ 12.80 କୋଟି ଟଙ୍କା ଅଟକଳ କରାଯାଇଛି ।

ମାନ୍ୟବର ସଦସ୍ୟ ଓ ସଦସ୍ୟାଙ୍କର ଅବଗତି ନିମନ୍ତେ ମୁଁ ସୂଚାଇ ଦେବାକୁ ଚାହେଁ ଯେ ଭିତରକନିକା, ସିମିଳିପାଳ, ଗୁପ୍ତେଶ୍ୱର ଓ ଅନ୍ୟାନ୍ୟ ସ୍ଥାନରେ ବନ୍ୟଜନ୍ତୁ ସଂରକ୍ଷଣ ଓ ଜଙ୍ଗଲ ଆଶ୍ରୟ ସ୍ଥଳର ପରିବେଶ ପର୍ଯ୍ୟଟନ(Eco-Tourism) ପାଇଁ 2005–06 ବଜେଟ୍‌ରେ 1.30 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ମାନ୍ୟବର ସଭ୍ୟମାନଙ୍କୁ ମୁଁ ସ୍ମରଣ କରାଇଦେବାକୁ ଚାହେଁ ଯେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଚିଲିକା ହ୍ରଦର ପରିବେଶ ପୁନରୁଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁଁ ଇନ୍ଦିରା ଗାନ୍ଧୀ ପର୍ଯ୍ୟାବରଣ ପୁରସ୍କାର, 2002 ପାଇଛନ୍ତି । ସେହିପରି ଆଞ୍ଚଳିକ ଉଦ୍ଭିଦ ସଂପଦ କେନ୍ଦ୍ର (Regional Plant Resources Centre) ଭୁବନେଶ୍ୱର, ରାଷ୍ଟ୍ରପତି ଭବନରେ

କାକ୍ଟସ ବଗିଚା ନିର୍ମାଣ ପାଇଁ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ନିମନ୍ତ୍ରଣ ପାଇଛନ୍ତି ।

ପର୍ଯ୍ୟଟନ

44. ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତିରେ ହିଁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ–ଏହା ସମସ୍ତେ ସ୍ୱୀକାର କରିବେ । ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ଗମନାଗମନ ବ୍ୟବସ୍ଥାର ଉନ୍ନତି ଆଣିବା ପାଇଁ ପଦକ୍ଷେପ ନିଆଯାଇଛି । ସେହିପରି ପ୍ରାଚୀନ ଜୀର୍ଣ୍ଣରାଜିର ସୁରକ୍ଷାପାଇଁ ମଧ୍ୟ ଆମ ସରକାର ଯଥେଷ୍ଟ ଧ୍ୟାନ ଦେଉଛନ୍ତି ।

ଖଣ୍ଡଗିରି ଠାରେ ଜୟଦେବ ବାଟିକାର ପରିବେଶ ପର୍ଯ୍ୟଟନ ପାଇଁ 25 ଲକ୍ଷ ଟଙ୍କା ଏବଂ ଜୟଦେବ–କେନ୍ଦୁଲି ଠାରେ ଇକୋ–ବାଟିକା ନିର୍ମାଣ ପାଇଁ 25 ଲକ୍ଷ ଟଙ୍କା ଏହିପରି ମୋଟ 50 ଲକ୍ଷ ଟଙ୍କାର ବ୍ୟୟ ବରାଦ 2005–06 ବର୍ଷ ବଜେଟ୍‌ରେ ରଖାଯାଇଛି । ଏତଦ୍‌ବ୍ୟତୀତ ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତାରୁ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟର ଅଂଶ ବାବଦକୁ 3 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି । 2004–05 ବର୍ଷରେ ରାଜ୍ୟ ଯୋଜନାରେ ପର୍ଯ୍ୟଟନ ପାଇଁ 2.50 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ 2005–06 ମସିହା ପାଇଁ ଏହାକୁ 7.77 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

ସୂଚନା ପ୍ରଯୁକ୍ତି

45. ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ 2005–06 ଆର୍ଥିକ ବର୍ଷରେ "ସୂଚନା କିୟୋସ୍କ" ଓ "ବି.ପି.ଓ" କେନ୍ଦ୍ର ସମୂହ ଭଳି ଦୁଇଟି ସୃଜନାତ୍ମକ ଆତ୍ମନିଯୁକ୍ତି ଯୋଜନା ଶିକ୍ଷିତ ଯୁବପିଢୀଙ୍କ ନିମନ୍ତେ ପ୍ରସ୍ତାବ ରଖିଅଛି ଏବଂ ଏଥି ନିମନ୍ତେ ଚଳିତ ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନାରେ 25.00 ଲକ୍ଷ ଟଙ୍କା ଓ 27.98 ଲକ୍ଷ ଟଙ୍କା ଯଥାକ୍ରମେ ବ୍ୟୟ ଅଟକଳ କରାଯାଇଛି । ଆହୁରି ମଧ୍ୟ 500 ଶିକ୍ଷିତ ବେକାର ଯୁବକ, ଯୁବତୀମାନଙ୍କୁ ଆସନ୍ତା 2005–06 ଆର୍ଥିକ ବର୍ଷରେ ଆତ୍ମନିଯୁକ୍ତି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର, ଭୁବନେଶ୍ୱର ଉକ୍ତ ଉଦ୍ୟୋଗୀ ମାନଙ୍କୁ ମାଗଣାରେ ଦୁଇ ସପ୍ତାହ ପ୍ରଶିକ୍ଷଣ ଯୋଗାଇ ଦେବେ । ଇନ୍‌ଫୋସିଟି, ଭୁବନେଶ୍ୱରଠାରେ ସଫ୍‌ଟଓୟାରର ଉନ୍ନତି ଓ ବି.ପି.ଓ କେନ୍ଦ୍ର ସମୂହ ସ୍ଥାପନ ନିମନ୍ତେ ସୂଚନା ପ୍ରଯୁକ୍ତି ବିଭାଗ ଟି.ସି.ଏସ୍. ଓ ୱିପ୍ରୋ ଭଳି ବଡ ବଡ ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ ସଂସ୍ଥା ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ।

ଏହି କେନ୍ଦ୍ରଗୁଡିକରେ ରାଜ୍ୟର 2000 ସଫ୍‌ଟଓୟାର ପ୍ରଯୁକ୍ତି ବୃତ୍ତି ସମ୍ପନ୍ନ ଯୁବକ ଯୁବତୀ ମାନେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ହେବେ ଏବଂ ଏତଦ୍ୱାରା ପରୋକ୍ଷ ଭାବରେ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ । ରାଜ୍ୟ ଯୋଜନାରେ 2005–06 ଆର୍ଥିକ ବର୍ଷରେ ସୂଚନା ପ୍ରଯୁକ୍ତି ବିଦ୍ୟା ନିମନ୍ତେ 3.50 କୋଟି ଟଙ୍କାର ବ୍ୟୟ ଅଟକଳ ନିମନ୍ତେ ପ୍ରସ୍ତାବ କରାଯାଇଛି ।

ଜୈବ ବିଜ୍ଞାନ — ଏତଦ୍‌ବ୍ୟତୀତ ଜୈବ ବିଜ୍ଞାନ ଅନ୍ୱେଷଣ ଓ ପ୍ରୟୋଗ ପାଇଁ 2005–06 ମସିହାରେ ସ୍ୱତନ୍ତ୍ରଭାବେ 2 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ମତ୍ସ୍ୟ ଓ ପଶୁ ସମ୍ପଦ — 46. ରାଜ୍ୟର ପଶୁ ସମ୍ପଦ ଓ ମତ୍ସ୍ୟ ଚାଷ ପାଇଁ ରାଜ୍ୟ ବଜେଟରେ 2005–06 ବର୍ଷ ପାଇଁ ମୋଟ 670.72 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେଥି ମଧ୍ୟରୁ 20 ଲକ୍ଷ ଟଙ୍କା ପଶୁପାଳନ ଓ ମତ୍ସ୍ୟ ଚାଷରେ ଆତ୍ମନିଯୁକ୍ତି ନିମିତ୍ତ କୁଶଳତା ବୃଦ୍ଧି ପାଇଁ ସ୍ୱତନ୍ତ୍ର ଭାବେ ରଖାଯାଇଛି (For upgradation of skill in self-employment in Fisheries & Animal husbandry) ।

ବୟନ ଓ ହସ୍ତତନ୍ତ — 47. ହସ୍ତତନ୍ତ ଓଡିଶାର ଏକ ପାରମ୍ପରିକ ଗ୍ରାମୀଣ କୁଟୀରଶିଳ୍ପ । କୃଷି ପରେ ହସ୍ତତନ୍ତ ଶିଳ୍ପ ହିଁ ସର୍ବାଧିକ କର୍ମ ସଂସ୍ଥାନ ଗ୍ରାମୀଣ ଲୋକଙ୍କୁ ଯୋଗାଇଥାଏ । ଓଡିଶାର ହସ୍ତତନ୍ତ ଦ୍ରବ୍ୟ ତାର ଉଚ୍ଚକୋଟୀର ନକ୍ସା, ରଙ୍ଗ, କଳାନୈପୁଣ୍ୟ ତଥା ସୌନ୍ଦର୍ଯ୍ୟ ଓ ଦୀର୍ଘ ସ୍ଥାୟୀତ୍ୱ ପାଇଁ ଦେଶ ବିଦେଶରେ ଆଦୃତ ।

ବୟନ ଓ ହସ୍ତତନ୍ତ ବିଭାଗ ପାଇଁ 2005–06 ଆର୍ଥିକ ବର୍ଷର ରାଜ୍ୟ ବଜେଟରେ 7.75 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେଥି ମଧ୍ୟରୁ ହସ୍ତତନ୍ତ ଉନ୍ନୟନ ପାଇଁ 3.00 କୋଟି ଟଙ୍କା ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତାରୁ ସ୍ୱତନ୍ତ୍ର ଭାବେ ରଖାଯାଇଛି ।

ଶିଳ୍ପ — 48. ଏତଦ୍ ବ୍ୟତୀତ ଶିଳ୍ପ ବିଭାଗ ବଜେଟରେ ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତା ମଧ୍ୟରୁ ହସ୍ତତନ୍ତର ଉନ୍ନତି ପାଇଁ 3.00 କୋଟି ଟଙ୍କା ରଖାଯାଇଥିଲା ବେଳେ ପୁରୀ–କୋଣାର୍କ ଅର୍ବାନ ହାଟ ପାଇଁ ରାଜ୍ୟ ଅଂଶ ବାବଦକୁ 1.50 କୋଟି ଟଙ୍କା, ଦିଲ୍ଲୀରେ ଥିବା ଉତ୍କଳିକାର ପୁନରୁଦ୍ଧାର ପାଇଁ 45 ଲକ୍ଷ ଟଙ୍କା ଓ Orissa Investment & Export Promotion Centre, New Delhi ପାଇଁ 25 ଲକ୍ଷ ଟଙ୍କା ରାଜ୍ୟ ଯୋଜନାରେ ବ୍ୟୟ ବରାଦ କରାଯାଇଛି । ମୋଟ ଉପରେ 2005–06 ଆର୍ଥିକ ବର୍ଷରେ ଶିଳ୍ପ ବିଭାଗ ପାଇଁ ରାଜ୍ୟ ଯୋଜନାରେ 14.53 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

କ୍ରୀଡା ଭିତ୍ତିଭୂମି ଉନ୍ନୟନ — 49. 2005–06 ଆର୍ଥିକ ବର୍ଷରେ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ପାଇଁ ବଜେଟ୍‌ରେ 385.11 ଲକ୍ଷ ଟଙ୍କା ଅଣଯୋଜନାରେ ଓ 240.00 ଲକ୍ଷ ଟଙ୍କା ରାଜ୍ୟ ଯୋଜନାରେ ବ୍ୟୟ ବରାଦ କରାଯାଇଛି । ଉକ୍ତ ଅର୍ଥରେ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଓ ଉପଖଣ୍ଡ ସଦର ମହକୁମାରେ ଷ୍ଟାଡିୟମ୍, ଆନ୍ତଃକ୍ରୀଡାଙ୍ଗନ, ସନ୍ତରଣାଗାର, ପ୍ରତ୍ୟେକ ମଣ୍ଡଳରେ ଖେଳ ପଡିଆର ଉନ୍ନତିକରଣ, ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କ୍ରୀଡା ପ୍ରତିଭା ଅନ୍ୱେଷଣ, କ୍ରୀଡା ଛାତ୍ରାବାସମାନଙ୍କର ରକ୍ଷଣାବେକ୍ଷଣ ଦେୟ, ଜିଲ୍ଲା ସ୍ତରୀୟ ଓ ରାଜ୍ୟ ସ୍ତରୀୟ ଜାତୀୟ

ଗ୍ରାମାଞ୍ଚଳ କ୍ରୀଡା ଓ ମହିଳା କ୍ରୀଡା ପ୍ରତିଯୋଗିତା, ଜିଲ୍ଲା ଓ ରାଜ୍ୟସ୍ତରୀୟ ଯୁବ ପ୍ରତିଭା ଅନ୍ୱେଷଣ, ଗ୍ରାମାଞ୍ଚଳରୁ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ କ୍ରୀଡା ଅନୁଷ୍ଠାନମାନଙ୍କୁ ଆର୍ଥିକ ଅନୁଦାନ, ରାଜ୍ୟର ବୃଦ୍ଧ ଖେଳାଳୀମାନଙ୍କୁ ପେନସନ୍, ଯୁବ ଖେଳାଳୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଇତ୍ୟାଦି ଦିଆଯିବାର ବ୍ୟବସ୍ଥା ରହିଛି ।

ଆସନ୍ତା ବର୍ଷ ବଜେଟ୍‌ରେ ଏହି ବିଭାଗର କ୍ରୀଡା ଭିତ୍ତିଭୂମି (Sports Infrastructure) ପାଇଁ ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତା ମାଧ୍ୟମରେ 40 ଲକ୍ଷ ଟଙ୍କାର ବ୍ୟୟ ବରାଦ ଅଛି ।

ସଂସ୍କୃତି

50. ଓଡିଶାର ପାରମ୍ପରିକ କଳା, ସଂସ୍କୃତି ଏବଂ ଓଡିଆ ଭାଷା ସାହିତ୍ୟର ସଂରକ୍ଷଣ, ଅଭିବୃଦ୍ଧି ଓ ବିକାଶ ଦିଗରେ ରାଜ୍ୟ ସଂସ୍କୃତି ବିଭାଗର ଉଦ୍ୟମ ଅବ୍ୟାହତ ରହିଛି ।

ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ପ୍ରଚଳିତ ମାସିକ କଳାକାର ଭତ୍ତା ପ୍ରଦାନ ଯୋଜନାରେ ଅଧିକ 100 ଜଣ କୃତୀ କଳାକାରଙ୍କୁ ଅନ୍ତର୍ଭୁକ୍ତ କରି ଏହି ସଂଖ୍ୟାକୁ ରାଜ୍ୟ ସରକାର 1000 କୁ ବୃଦ୍ଧିକରିବା ସହିତ ସମସ୍ତ କଳାକାରମାନଙ୍କୁ 2005–06 ଆର୍ଥିକ ବର୍ଷରେ ଭତ୍ତା ପ୍ରଦାନ ନିମନ୍ତେ ବ୍ୟୟ ବରାଦ କରିଛନ୍ତି ।

କଳା ଓ ସଂସ୍କୃତିର ବିକାଶ ନିମନ୍ତେ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଏକ ସଂସ୍କୃତି ପାଣ୍ଠି ଗଠନ କରାଯାଇଛି ।

31 କୋଟି ଟଙ୍କା ବ୍ୟୟରେ କଳାମଣ୍ଡଳ ନାମରେ ଏକ ବହୁମୁଖୀ ସାଂସ୍କୃତିକ ସୌଧ ପ୍ରଥମଥର ପାଇଁ ଭୁବନେଶ୍ୱରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ପ୍ରୋତ୍ସାହନରେ ନିର୍ମାଣ ହେବାକୁ ଯାଉଛି ।

ସଂସ୍କୃତି ବିଭାଗ ପାଇଁ ରାଜ୍ୟ ଯୋଜନାରେ ମୋଟ 3.93 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେଥିରେ ଓଡିଶୀ ସେଣ୍ଟର ପାଇଁ 20 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ।

ସୂଚନା ଓ ଲୋକସମ୍ପର୍କ

51. ସୂଚନା ଓ ଲୋକସମ୍ପର୍କ ବିଭାଗ ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ସମ୍ପର୍କର ସେତୁ ଅଟେ । ଏହା କେବଳ ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କର ଯୋଜନା, ନୀତି ଓ କାର୍ଯ୍ୟକ୍ରମ ବିଷୟରେ ସୂଚାଇ ଦିଏନାହିଁ; ବରଂ ଜନସାଧାରଣଙ୍କୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାର ସଫଳ ରୂପାୟନ ପାଇଁ ସାମିଲ କରାଇଥାଏ । ସେ ଦୃଷ୍ଟିରୁ ବିଚାର କଲେ ଲୋକମତ ଜାଗ୍ରତ କରିବାରେ ଏହି ବିଭାଗର ପ୍ରମୁଖ ଭୂମିକା ଅଛି । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ 2005–06 ବର୍ଷ ବଜେଟ୍‌ରେ ଏହି ବିଭାଗର ବିଜ୍ଞାପନ ଓ ଆଇ.ଆଇ.ଟି.ଏଫ୍ ଖର୍ଚ୍ଚ (Payment of advertisement charges and IITF expenses) ପାଇଁ 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ମୋଟ ଉପରେ ସୂଚନା

ଓ ଲୋକ ସମ୍ପର୍କ ବିଭାଗ ପାଇଁ ରାଜ୍ୟ ଯୋଜନାରେ 2.00 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏତଦ୍‌ବ୍ୟତୀତ ଅଣ ଯୋଜନାରେ 10.08 କୋଟି ଟଙ୍କା ରଖାଯାଇଛି ।

52. ମାନ୍ୟବର ରାଜ୍ୟପାଳଙ୍କ ଅଭିଭାଷଣରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ସମ୍ୟକ୍ ଭାବେ ବର୍ଣ୍ଣନା କରାଯାଇଛି । ମୁଁ ଏଠାରେ ସମସ୍ତ ବିଭାଗର ବିବରଣୀ ଦେଇ ଆପଣମାନଙ୍କୁ ଭାରାକ୍ରାନ୍ତ କରିବାକୁ ଚାହୁଁ ନାହିଁ । ବିଭାଗମାନଙ୍କର ଦାବୀ ଆଲୋଚନା ବେଳେ ସମ୍ପୃକ୍ତ ବିଭାଗମାନଙ୍କର ମାନ୍ୟବର ମନ୍ତ୍ରୀମାନେ ତାଙ୍କ ବିଭାଗମାନଙ୍କ କାର୍ଯ୍ୟାବଳୀ ସମ୍ବନ୍ଧରେ ଏହି ପବିତ୍ର ଗୃହକୁ ଅବଗତ କରାଇବେ । ମୁଁ କେବଳ ମୂଲ୍ୟଯୁକ୍ତ କର ପ୍ରଚଳନ ଓ ନିକଟରେ ଦ୍ୱାଦଶ ଅର୍ଥ କମିଶନ ଦେଇଥିବା ସୁପାରିଶ ବିଷୟରେ ଏହି ଗୃହରେ କିଛି ତଥ୍ୟ ସଂକ୍ଷେପରେ ଉପସ୍ଥାପନ କରିବାକୁ ଚାହୁଁଛି ।

ମୂଲ୍ୟଯୁକ୍ତ କର

53. ଆପଣମାନେ ସମସ୍ତେ ଜାଣନ୍ତି ସର୍ବଭାରତୀୟ ସ୍ତରରେ ସମସ୍ତ ରାଜ୍ୟ ମାନଙ୍କରେ କେନ୍ଦ୍ର ସରକାରଙ୍କ ସହମତି କ୍ରମେ ତା 1.4.2005 ରିଖଠାରୁ ବର୍ତ୍ତମାନ ପ୍ରଚଳିତ ଥିବା ବିକ୍ରିକର ବଦଳରେ ମୂଲ୍ୟଯୁକ୍ତ କର ପ୍ରଚଳିତ ହେବାକୁ ଯାଉଛି । ଏଥି ନିମିତ୍ତ ଓଡିଶା ମୂଲ୍ୟଯୁକ୍ତ କର ଆଇନ, 2004 ତା 28.12.2004 ରିଖରେ ଏହି ଗୃହର ଅନୁମୋଦନ ଲାଭ କରିଛି । ଜନସାଧାରଣ ଏଥିରେ ବିଚଳିତ ହେବାର କିଛି ନାହିଁ, କାରଣ କର ବୋଝ କିଛି ବଢିବ ନାହିଁ । ଏଠାରେ ମୁଁ ସୂଚାଇ ଦେବାକୁ ଚାହେଁ ଯେ ପ୍ରତ୍ୟେକ ଦ୍ରବ୍ୟ ବିଭିନ୍ନ ସ୍ତର ଦେଇ ଖାଉଟି ନିକଟରେ ପହଞ୍ଚିଥାଏ । ପ୍ରତ୍ୟେକ ସ୍ତରରେ ଦ୍ରବ୍ୟର କ୍ରୟ ମୂଲ୍ୟରେ କିଛି ମୂଲ୍ୟ ଯୋଗ ହୋଇ ବିକ୍ରି ମୂଲ୍ୟ ଧାର୍ଯ୍ୟ ହୋଇଥାଏ । ମୂଲ୍ୟଯୁକ୍ତ କର ବ୍ୟବସ୍ଥାରେ ପ୍ରତ୍ୟେକ ସ୍ତରରେ ଦ୍ରବ୍ୟରେ ଯୁକ୍ତ ମୂଲ୍ୟ ପରିମାଣ ଉପରେ କର ଆଦାୟ ହୁଏ । ବ୍ୟବସାୟୀଙ୍କୁ ଦ୍ରବ୍ୟର ମୂଲ୍ୟ ଉପରେ ଦେୟ କର ପରିମାଣରୁ ଏହାର କ୍ରୟ ମୂଲ୍ୟ ଉପରେ ପୈଠ କରିଥିବା କରକୁ ବାଦ (Set off) ଦେଇ, ଅବଶିଷ୍ଟ ପୈଠ କରିବାକୁ ହେବ । ଯେହେତୁ କର ଭାର ଖାଉଟି ବହନ କରିବେ, ପ୍ରତି ସ୍ତରରେ ସଂଗୃହିତ କର ପରବର୍ତ୍ତୀ ସ୍ତରକୁ ହସ୍ତାନ୍ତର କରାଯିବ । ପ୍ରତ୍ୟେକ ବ୍ୟବସାୟୀ ବିକ୍ରି ମୂଲ୍ୟ ଉପରେ ସଂପୂର୍ଣ୍ଣ କର ଆଦାୟ କରିବେ, ମାତ୍ର କ୍ରୟମୂଲ୍ୟ ଉପରେ ପୈଠ କରିଥିବା କର ପରିମାଣ ବାଦ୍ ଦେଇ ଅବଶିଷ୍ଟ ପୈଠ କରିବେ ।

54. ମୂଲ୍ୟଯୁକ୍ତ କର ପ୍ରଚଳିତ ହେଲେ କର ନିର୍ଦ୍ଧାରଣରେ ସରଳୀକରଣ ହେବା ସଙ୍ଗେ ସଙ୍ଗେ ଏଥିରେ ସ୍ୱଚ୍ଛତା ପରିଲକ୍ଷିତ ହେବ (The tax structure will become simple and more transparent) । ଏହା ଦ୍ୱାରା ବ୍ୟବସାୟୀମାନେ ନିଜ ନିଜର ଟିକସ ନିର୍ଦ୍ଧାରଣ କରି ସ୍ୱେଚ୍ଛାକୃତ ଭାବେ ପୈଠ କରିବେ ଏବଂ ଏହା ରାଜସ୍ୱ ବୃଦ୍ଧିରେ ସହାୟକ ହେବ (This will improve tax compliance and augment revenue growth) । ତେଣୁ ମୂଲ୍ୟଯୁକ୍ତ କର ବ୍ୟବସ୍ଥା ଜନସାଧାରଣ, ବ୍ୟବସାୟୀ, ଶିଳ୍ପପତି, ଟିକସ ପରାମର୍ଶଦାତା ଏବଂ

ସରକାରଙ୍କ ପାଇଁ ଲାଭପ୍ରଦ ହେବ । ପ୍ରଚଳିତ ଟିକସ ବ୍ୟବସ୍ଥାର ସଂସ୍କାର ମାଧ୍ୟମରେ ଏହା ଏକ ସ୍ୱଚ୍ଛ ଓ ଦକ୍ଷ ଟିକସ ପ୍ରଶାସନ ପାଇଁ ନିଃସନ୍ଦେହରେ ଉତ୍ସାହପ୍ରଦ ହେବ । (VAT will help common people, common traders, Industrialist and also the Government. It is indeed a move towards more efficient, equal competition and fairness in the taxation system.

**It is a move away from a suspicion-ridden, harassment-generating,coercion-inclined regime to a trust based, 'green channel' system).**

55. ମୂଲ୍ୟଯୁକ୍ତ କର ପ୍ରଚଳିତ ହେଲେ ଯଦି ବିକ୍ରିକର ବାବଦକୁ ମିଳୁଥିବା ରାଜସ୍ୱର କ୍ଷତି ହୁଏ ତେବେ କେନ୍ଦ୍ର ସରକାର ଏହି କ୍ଷତି ଭରଣା କରିବେ । ପ୍ରଥମ ବର୍ଷ କ୍ଷତିର 100 ଶତାଂଶ, ଦ୍ୱିତୀୟ ବର୍ଷ କ୍ଷତିର 75 ଶତାଂଶ ଏବଂ ତୃତୀୟ ବର୍ଷ କ୍ଷତିର 50 ଶତାଂଶ କେନ୍ଦ୍ର ସରକାର ଭରଣା କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି । ଏହି କ୍ଷତି ହିସାବ କଲାବେଳେ 2004–05 ଆର୍ଥିକ ବର୍ଷରେ ଆଦାୟ ହୋଇଥିବା ଟିକସ ପରିମାଣକୁ ଭିତ୍ତି କରାଯିବ ଏବଂ ପୂର୍ବ 5 ବର୍ଷ ମଧ୍ୟରୁ ଯେଉଁ 3 ଗୋଟି ବର୍ଷରେ ଅଧିକ ଅଭିବୃଦ୍ଧି ହୋଇଥିବ ତାହାକୁ ହିସାବକୁ ନିଆଯିବ (It has been stipulated that starting from 2004-05 and working backwards the State may be allowed to choose 3 of their best years out of preceding 5 years for calculating the average rate of growth.) ।

56. ମୁଁ ଏଠାରେ ସ୍ପଷ୍ଟ କରିବାକୁ ଚାହେଁ ଯେ ମୂଲ୍ୟଯୁକ୍ତ କରର ସଫଳ କାର୍ଯ୍ୟକାରିତା ପାଇଁ ସବୁ ସ୍ତରରେ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆବଶ୍ୟକ । ଟିକସ ପ୍ରଶାସନରେ ନିୟୋଜିତ ସମସ୍ତ ଅଧିକାରୀ ଏବଂ ସମସ୍ତ ବ୍ୟବସାୟୀ ତଥା ଶିଳ୍ପପତିମାନଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହେବା ଆବଶ୍ୟକ । ମୁଁ ଏହି ଅବସରରେ ରାଜ୍ୟର ସମସ୍ତ ବ୍ୟବସାୟୀ, ଶିଳ୍ପପତି, ଟିକସ ପରାମର୍ଶଦାତା ଓ ସର୍ବୋପରି ଟିକସ ଆଦାୟରେ ନିୟୋଜିତ ସମସ୍ତ କର୍ମଚାରୀମାନଙ୍କର ସାହାଯ୍ୟ ଓ ସହଯୋଗ କାମନା କରୁଛି ।

ଦ୍ୱାଦଶ ଅର୍ଥ କମିଶନ

57. ଦ୍ୱାଦଶ ଅର୍ଥ କମିଶନ ଦେଇଥିବା ସୁପାରିଶ ଚଳିତ ଆର୍ଥିକ ବର୍ଷ ଶେଷ ଭାଗରେ ପ୍ରାପ୍ତ ହୋଇଥିବାରୁ ଏହାର ସଂପୂର୍ଣ୍ଣ ପ୍ରତିଫଳନ ବଜେଟରେ ହୋଇପାରିନାହିଁ । କିନ୍ତୁ ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କ ଅବଗତି ନିମନ୍ତେ ସେହି ସୁପାରିଶ ଗୁଡିକର ଏକ ସମ୍ୟକ ବିବରଣୀ ମୁଁ ଏହି ପବିତ୍ର ଗୃହରେ ଏଥି ସହିତ ସୂଚାଇ ଦେଉଛି ।

ସଂବିଧାନର ଧାରା 280 ଅନୁସାରେ ପ୍ରତି ପାଞ୍ଚ ବର୍ଷରେ କେନ୍ଦ୍ରୀୟ ଅର୍ଥ କମିଶନ ଗଠନର ବ୍ୟବସ୍ଥା ରହିଛି । ତଦନୁସାରେ କେନ୍ଦ୍ର ସରକାର ଡକ୍ଟର ସି.ରଙ୍ଗରାଜନଙ୍କ ଅଧ୍ୟକ୍ଷତାରେ ଦ୍ୱାଦଶ ଅର୍ଥ କମିଶନ ଗଠନ କରିଥିଲେ । ଏହି କମିଶନଙ୍କୁ 2005–10 ମସିହା

ମଧ୍ୟରେ ରାଜ୍ୟ ମାନଙ୍କର ଅଣ ଯୋଜନା ଆୟ ଓ ବ୍ୟୟର ଅଟକଳ, କେନ୍ଦ୍ରୀୟ ଟିକସରୁ ରାଜ୍ୟ ମାନଙ୍କର ଅଂଶ, ହସ୍ତାନ୍ତରିତ କେନ୍ଦ୍ରୀୟ ଟିକସରୁ ପ୍ରତ୍ୟେକ ରାଜ୍ୟର ଅଂଶ ନିର୍ଦ୍ଧାରଣ ପଦ୍ଧତି ବାବଦରେ ନୀତି ନିର୍ଦ୍ଧାରଣ ଓ ସୁପାରିଶ କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

58. ରାଜ୍ୟ ସରକାର ଦ୍ୱାଦଶ ଅର୍ଥ କମିଶନ ମାଗିଥିବା ରାଜ୍ୟ ସଂବନ୍ଧୀୟ ସମସ୍ତ ତଥ୍ୟାବଳୀ, ରାଜ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ଟିକସ ଆବଣ୍ଟନର ପଦ୍ଧତି ଓ ଅନ୍ୟାନ୍ୟ ଆନୁସାଙ୍ଗିକ ପ୍ରସଙ୍ଗ ଉପରେ ରାଜ୍ୟର ମତାମତ ଦ୍ୱାଦଶ ଅର୍ଥ କମିଶନଙ୍କୁ ଯଥା ସମୟରେ ପ୍ରଦାନ କରିଥିଲେ । କମିଶନ ରାଜ୍ୟ ପରିଦର୍ଶନରେ ଆସି ରାଜ୍ୟ ସରକାର, ବିଭିନ୍ନ ରାଜନୈତିକ ଦଳ, ଶିଳ୍ପ ଓ ବାଣିଜ୍ୟ ସଙ୍ଗଠନ, ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାମାନଙ୍କର ପ୍ରତିନିଧି ଓ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟ ମାନଙ୍କ ସହିତ ରାଜ୍ୟର ଆର୍ଥିକ ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ । ରାଜ୍ୟର ଆର୍ଥିକ ପରିସ୍ଥିତି ସମ୍ପର୍କରେ କମିଶନଙ୍କ ସହିତ ରାଜ୍ୟ ସରକାରଙ୍କର ପୁଙ୍ଖାନୁପୁଙ୍ଖ ଓ ଫଳପ୍ରଦ ଆଲୋଚନା ହୋଇଥିଲା । କମିଶନଙ୍କୁ ରାଜ୍ୟର ଆର୍ଥିକ ପରିସ୍ଥିତି ସମ୍ପର୍କରେ ସଂପୂର୍ଣ୍ଣ ଅବଗତ କରାଯାଇଥିଲା ।

59. ଦ୍ୱାଦଶ ଅର୍ଥ କମିଶନ ତାଙ୍କର ସୁପାରିଶ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିସାରିଛନ୍ତି । କେନ୍ଦ୍ରସରକାର କମିଶନଙ୍କ ଉକ୍ତ ସୁପାରିଶ ଓ ତତ୍ ସଂକ୍ରାନ୍ତୀୟ କେନ୍ଦ୍ର ସରକାରଙ୍କର କାର୍ଯ୍ୟକାରୀତା ବିବରଣୀ (Action Taken Report) ପାର୍ଲିଆମେଣ୍ଟରେ ଉପସ୍ଥାପନ କରିଛନ୍ତି । ଦ୍ୱାଦଶ ଅର୍ଥକମିଶନଙ୍କ ସୁପାରିଶ ଅନୁସାରେ ;

- କେନ୍ଦ୍ରୀୟ ନିଟ୍ ଟିକସ ଓ ଡିଉଟିର ଶତକଡା 30.5 ଅଂଶ ରାଜ୍ୟମାନଙ୍କୁ ହସ୍ତାନ୍ତର କରାଯିବ । ଏକାଦଶ ଅର୍ଥ କମିଶନ ସୁପାରିଶ ଅନୁସାରେ ଏହା 29.5 ଶତାଂଶ ଥିଲା ।
- କମିଶନ ରାଜ୍ୟମାନଙ୍କ ମଧ୍ୟରେ ଆବଣ୍ଟନ ନିମିତ୍ତ ନିମ୍ନ ପଦ୍ଧତି ଗ୍ରହଣ କରିଛନ୍ତି । ଯଥା :–

| | |
|---|---|
| ➢ 1971 ମସିହା ଜନଗଣନା ଭିତ୍ତିକ ଜନସଂଖ୍ୟା ଅନୁସାରେ | 25 ଶତାଂଶ |
| ➢ ଆୟର ଦୂରତ୍ୱ ଅନୁସାରେ | 50 ଶତାଂଶ |
| ➢ ଭୌଗଳିକ ଆୟତନ ଅନୁସାରେ | 10 ଶତାଂଶ |
| ➢ ଟିକସ ଆଦାୟର ଦକ୍ଷତା ଅନୁସାରେ | 7.5 ଶତାଂଶ |
| ➢ ଆର୍ଥିକ ଶୃଙ୍ଖଳା ଅନୁପାଳନ ଅନୁସାରେ | 7.5 ଶତାଂଶ |
| ମୋଟ – | 100 ଶତାଂଶ |

60. ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଆବଣ୍ଟିତ କେନ୍ଦ୍ରୀୟ ଟିକସ ଓ ଶୁଳ୍କରୁ ଓଡିଶାର ଅଂଶ 5.06 ଶତାଂଶ ଥିଲାବେଳେ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ରାଜ୍ୟମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ଆବଣ୍ଟନ ପାଣ୍ଠିରୁ ଓଡିଶାର ଅଂଶ 5.165 ଶତାଂଶକୁ ବୃଦ୍ଧି ପାଇଛି ଏବଂ ଏହି ବୃଦ୍ଧିର ଅଂଶ 0.11 ଶତାଂଶ ଅଟେ । ଏକାଦଶ ଅର୍ଥକମିଶନଙ୍କ ସୁପାରିଶ ଅନୁସାରେ ଓଡିଶାର ପ୍ରାପ୍ୟ 5.06 ଶତାଂଶ ଅଂଶ ହିସାବରେ 19026.64 କୋଟି ଟଙ୍କା ଥିବାବେଳେ, ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଓଡିଶାର 5.165 ଶତାଂଶ ଅଂଶ 31669.47 କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଏକାଦଶ ଅର୍ଥ କମିଶନ କରିଥିବା ସୁପାରିଶ ତୁଳନାରେ ପ୍ରକୃତରେ କେନ୍ଦ୍ରୀୟ ଟିକସ ଓ ଶୁଳ୍କରୁ 3481 କୋଟି ଟଙ୍କା କମ୍ ମିଳିବ ବୋଲି ହିସାବ କରାଯାଇଛି ।

61. ଏକାଦଶ ଅର୍ଥକମିଶନ ଅନୁଦାନ ଆକାରରେ ଓଡିଶା ନିମିତ୍ତ ମୋଟ 1727.86 କୋଟି ଟଙ୍କା ସୁପାରିଶ କରିଥିଲେ । ଏହା ସମସ୍ତ ରାଜ୍ୟ ମାନଙ୍କପାଇଁ ସୁପାରିଶ ଅନୁଦାନର 2.95 ଶତାଂଶ ଅଟେ । ଦ୍ୱାଦଶ ଅର୍ଥ କମିଶନ ଓଡିଶା ନିମିତ୍ତ ମୋଟ 5273.30 କୋଟି ଟଙ୍କାର ଅନୁଦାନ ସୁପାରିଶ କରିଛନ୍ତି, ଯାହାକି ସମସ୍ତ ରାଜ୍ୟମାନଙ୍କ ପାଇଁ ସୁପାରିଶ ଅନୁଦାନ ଅର୍ଥର 3.70 ଶତାଂଶ ଅଟେ । ଏହା ଏକାଦଶ ଅର୍ଥକମିଶନଙ୍କ ସୁପାରିଶ ଅନୁଦାନ ତୁଳନାରେ 0.75 ଶତାଂଶ ଅଧିକ ଅଟେ ।

62. ରିଲିଫ୍ ବାବଦକୁ ଏକାଦଶ ଅର୍ଥ କମିଶନ 453.66 କୋଟି ଟଙ୍କା ସୁପାରିଶ କରିଥିବାବେଳେ ଦ୍ୱାଦଶ ଅର୍ଥ କମିଶନ 1199.37 କୋଟି ଟଙ୍କା ସୁପାରିଶ କରିଛନ୍ତି । ସେହିପରି ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ପାଇଁ ଏକାଦଶ ଅର୍ଥ କମିଶନ 385.55 କୋଟି ଟଙ୍କା ସୁପାରିଶ କରିଥିବାବେଳେ ଦ୍ୱାଦଶ ଅର୍ଥ କମିଶନ ଏ ବାବଦକୁ 907 କୋଟି ଟଙ୍କା ସୁପାରିଶ କରିଛନ୍ତି ।

63. ଦ୍ୱାଦଶ ଅର୍ଥ କମିଶନ ପ୍ରଥମଥର ପାଇଁ Top up Grant ଓ Maintenance Grant ସୁପାରିଶ କରିଛନ୍ତି । ଯେଉଁ କ୍ଷେତ୍ରରେ ରାଜ୍ୟର ଖର୍ଚ୍ଚ ଆବଶ୍ୟକୀୟ ସ୍ତରଠାରୁ ନିମ୍ନରେ ରହିଛି, ସେଥିପାଇଁ କମିଶନ Top up Grant ର ସୁପାରିଶ କରିଛନ୍ତି । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ କମିଶନ ଓଡିଶା ପାଇଁ Top up Grant ଆକାରରେ ଯଥାକ୍ରମେ 323.30 କୋଟି ଟଙ୍କା ଓ 196.37 କୋଟି ଟଙ୍କାର ଅନୁଦାନ ସୁପାରିଶ କରିଛନ୍ତି । ସେହିପରି ରାସ୍ତା ଓ କୋଠାବାଡିର ରକ୍ଷଣାବେକ୍ଷଣ ପାଇଁ 1475.08 କୋଟି ଟଙ୍କା ଓ 389.14 କୋଟି ଟଙ୍କା ସୁପାରିଶ କରିଥିବାବେଳେ ଜଙ୍ଗଲ ଓ ପରିବେଶ ରକ୍ଷଣାବେକ୍ଷଣପାଇଁ 75 କୋଟି ଟଙ୍କା ପାଇଁ କମିଶନ ସୁପାରିଶ କରିଛନ୍ତି । ଏହା ବ୍ୟତୀତ ଐତିହ୍ୟର ସୁରକ୍ଷା (Heritage Protection) ନିମିତ୍ତ 50 କୋଟି ଟଙ୍କା ଏବଂ ରାଜ୍ୟର ନିର୍ଦ୍ଦିଷ୍ଟ ସମସ୍ୟା ନିମିତ୍ତ 170 କୋଟି ଟଙ୍କା ସୁପାରିଶ

କରିଛନ୍ତି (ଚିଲିକା ହ୍ରଦ 30 କୋଟି ଟଙ୍କା ଓ ଭୁବନେଶ୍ୱର ଜଳ ନିକାଶ ପ୍ରଣାଳୀ ନିମିତ୍ତ 140 କୋଟି ଟଙ୍କା) ।

64. କେନ୍ଦ୍ରୀୟ ଟିକସରୁ ଅଂଶ ଓ ସମସ୍ତ ଅନୁଦାନକୁ ମିଶାଇ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଓଡିଶା 2005–10 ବର୍ଷ ମଧ୍ୟରେ ମୋଟ 36942.77 କୋଟି ଟଙ୍କା, ଅର୍ଥାତ କେନ୍ଦ୍ରରୁ ରାଜ୍ୟମାନଙ୍କୁ ହସ୍ତାନ୍ତରିତ ମୋଟ ରାଶିର 4.89 ଶତାଂଶ ପାଇବ । ଏକାଦଶ ଅର୍ଥ କମିଶନ ଏ ବାବଦରେ ମୋଟ 20754.50 କୋଟି ଟଙ୍କା, ଅର୍ଥାତ ଓଡିଶା ନିମିତ୍ତ ସମୁଦାୟ ହସ୍ତାନ୍ତରିତ ପାଣ୍ଠିର 4.77 ଶତାଂଶ ସୁପାରିଶ କରିଥିଲେ । ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ସମୁଦାୟ କେନ୍ଦ୍ରୀୟ ହସ୍ତାନ୍ତରିତ ରାଶିରୁ ଓଡିଶାର ଅଂଶ ଏକାଦଶ ଅର୍ଥକମିଶନଙ୍କ ସୁପାରିଶ ତୁଳନାରେ 0.12 ଶତାଂଶ ଅଧିକ ଅଟେ ।

65. ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ ହେଉଛି, ରାଜ୍ୟ ଯୋଜନା ପାଇଁ ଯେଉଁ କେନ୍ଦ୍ରୀୟ ସାହାଯ୍ୟ ମିଳୁଛି ତାର 30 ଭାଗ ଅନୁଦାନ ଆକାରରେ ବର୍ତ୍ତମାନ ଯେପରି ମିଳୁଛି ସେପରି ରାଜ୍ୟକୁ ମିଳିବ, ମାତ୍ର କେନ୍ଦ୍ରୀୟ ସାହାଯ୍ୟର 70 ଭାଗ ଯାହାକି ବର୍ତ୍ତମାନ ଭାରତ ସରକାର ଋଣ ଆକାରରେ ଦେଉଛନ୍ତି ତାହା ଭାରତ ସରକାର ନଦେଇ ରାଜ୍ୟମାନେ ସେହି ଋଣ ଖୋଲା ବଜାରରୁ ଉଠାଇବେ, ଯାହାକି ଓଡିଶା ପରି ଏକ ଆର୍ଥିକ ଦୁର୍ବଳ ରାଜ୍ୟ ପାଇଁ କଷ୍ଟକର ବ୍ୟାପାର ହେବ ।

66. ଅପର ପକ୍ଷରେ କମିଶନ କେତେକ ସର୍ତ୍ତମୂଳକ କେନ୍ଦ୍ରୀୟ ଋଣ ଛାଡ ଓ କେନ୍ଦ୍ରୀୟ ଋଣର ପୁନଃନିର୍ଦ୍ଧାରଣ ନିମିତ୍ତ ସୁପାରିଶ କରିଛନ୍ତି । ଏହାର ମୁଖ୍ୟ ସର୍ତ୍ତ ହେଲା ରାଜ୍ୟମାନଙ୍କୁ ଏହି ଋଣ ଛାଡ ଓ ଋଣ ପୁନଃନିର୍ଦ୍ଧାରଣ ସୁବିଧା ହାସଲ ନିମିତ୍ତ ସର୍ବ ପ୍ରଥମେ ଆର୍ଥିକ ଦାୟିତ୍ୱ (Fiscal Responsibility) ବିଧି ପ୍ରଣୟନ କରିବାକୁ ପଡିବ (Each State must enact a fiscal responsibility legislation prescribing specific annual targets with a view to eliminating the revenue deficit by **2008-09** and reducing fiscal deficits based on a path for reduction of borrowings and guarantees.) । ଏହା ନକଲେ ଏହି ସୁବିଧା ରାଜ୍ୟକୁ ମିଳିବ ନାହିଁ ।

- କମିଶନଙ୍କ ସୁପାରିଶ ଅନୁସାରେ ରାଜ୍ୟମାନେ କେନ୍ଦ୍ର ସରକାରଙ୍କଠାରୁ ତା.31.03.2004 ରିଖ ମଧ୍ୟରେ ଯେଉଁ ଅର୍ଥ ଋଣ ଆକାରରେ ନେଇଥିବେ ଏବଂ ତନ୍ମଧ୍ୟରୁ 01.04.2005 ତାରିଖରେ ଯାହା ବାକିଥିବ ସେ ସମସ୍ତ ଋଣକୁ ଏକତ୍ରୀକରଣ କରାଯିବ । ରାଜ୍ୟମାନେ ଏହି ଏକତ୍ରୀତ ଋଣକୁ 20 ବର୍ଷରେ ସମାନ 20ଟି କିସ୍ତିରେ ବାର୍ଷିକ ଶତକଡା 7.5 ହାର ସୁଧରେ ପରିଶୋଧ କରିବେ । ଏହି ସୁବିଧା ହାସଲପାଇଁ ପ୍ରତ୍ୟେକ ରାଜ୍ୟକୁ Fiscal Responsibility Legislation ପ୍ରଣୟନ କରିବାକୁ ପଡିବ (Enacting the Fiscal Responsibility Legislation <u>will be a necessary pre-condition</u> for any debt relief admissible from 1.4.2005) । ଯେଉଁ ରାଜ୍ୟ ଯେବେ ଏ ବିଧି

ପ୍ରଣୟନ କରିବେ, ସେହିଠାରୁ ଉକ୍ତ ରାଜ୍ୟକୁ ଏ ସୁବିଧା ଉପଲବ୍ଧ ହେବ (This relief will be given effect to prospectively from the year in which such Legislation is enacted) ।

- ଦ୍ୱିତୀୟତଃ ଯେଉଁ ରାଜ୍ୟ 2005–06 ରୁ 2009–10 ବର୍ଷ ମଧ୍ୟରେ ଯେଉଁ ବର୍ଷ ଯେତେ ପରିମାଣରେ ରାଜ୍ୟର ରାଜସ୍ୱ ନିଅଣ୍ଟ ହ୍ରାସ କରିବାକୁ ସକ୍ଷମ ହେବେ, ସେ ରାଜ୍ୟକୁ ସେହି ବର୍ଷ ନିମିତ୍ତ ତତ୍ତୁଲ୍ୟ ପରିମାଣର କେନ୍ଦ୍ରୀୟ ଋଣ ପରିଶୋଧ ବାବଦରୁ ରିହାତି ମିଳିବ । ଯଦି କୌଣସି ରାଜ୍ୟ ରାଜସ୍ୱ ନିଅଣ୍ଟ ପରିମାଣ ଶୂନ ଅଙ୍କକୁ ଖସାଇ ପାରନ୍ତି, ତେବେ 2005–10 ମଧ୍ୟରେ ପରିଶୋଧ କରିବାକୁ ଥିବା ସମସ୍ତ କେନ୍ଦ୍ରୀୟ ଋଣକୁ ଛାଡ କରାଯିବ (In effect, if the revenue deficit is brought down to zero, the entire repayments during the period will be written off.) ।

67. ସୁଧ ରିହାତି ଓ ଋଣ ପରିଶୋଧ ରିହାତି ପାଇବାପାଇଁ ରାଜ୍ୟ ମାନଙ୍କୁ ଯେଉଁସବୁ ସର୍ତ୍ତାବଳୀ ପୂରଣ କରିବାକୁ ପଡିବ ସେଗୁଡିକ ହେଲା–

(i) କମିଶନ ସୁପାରିଶ କରିଥିବା ସୁଧ ରିହାତି ବାବଦକୁ ସାମଗ୍ରିକ ଭାବରେ ରାଜସ୍ୱ ନିଅଣ୍ଟ ଯେତିକି ହ୍ରାସ ପାଇବ ତାକୁ ବାଦଦେଲେ ରାଜ୍ୟମାନେ ସାମଗ୍ରିକ ଭାବେ ଯେଉଁ ଅଧିକ ପରିମାଣରେ ରାଜସ୍ୱ ନିଅଣ୍ଟ ହ୍ରାସ କରିବେ, ତତ୍ତୁଲ୍ୟ ପରିମାଣର ଋଣ ରିହାତି ପାଇବେ ।

(The reduction in the revenue deficit must be cumulatively higher than the cumulative reduction attributable to the interest relief recommended by the Commission)

(ii) ରାଜ୍ୟର ଆର୍ଥିକ ନିଅଣ୍ଟ ପରିମାଣ କେବେ ସେ ରାଜ୍ୟର 2004–05 ବର୍ଷର ଆର୍ଥିକ ନିଅଣ୍ଟଠାରୁ ଅଧିକ ହୋଇ ନଥିବ ,ଏବଂ

(iii) ସେ ରାଜ୍ୟ Fiscal Responsibility ବିଧି ପ୍ରଣୟନ କରିଥିବେ ।

68. ସର୍ବୋପରି ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଓଡିଶା ନିମିତ୍ତ କିଛି ପରିମାଣରେ ଅନୁକୂଳ ହୋଇଛି ବୋଲି କୁହାଯାଇପାରେ । କମିଶନଙ୍କ ସହିତ ରାଜ୍ୟ ସରକାରଙ୍କର ବରାବର ସମ୍ପର୍କ ରକ୍ଷା ଓ ଆଲୋଚନା ଯୋଗୁଁ ଏହା ସମ୍ଭବ ହୋଇ ପାରିଛି । ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଆର୍ଥିକ ଅନୁଦାନ ପାଇବାକୁ ହେଲେ ଆର୍ଥିକ ଶୃଙ୍ଖଳା ଦୃଢୀଭୂତ କରିବାକୁ ପଡିବ, ନଚେତ ରାଜ୍ୟ ଏହି ଅନୁଦାନ ପାଇବାରୁ ବଞ୍ଚିତ ହେବ ।

- ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ରାଜ୍ୟ ସରକାର ନିଜସ୍ୱ ଟିକସ ଓ ଅଣଟିକସ ବାବଦକୁ 2005–06 ମସିହା ପାଇଁ 4827.57 କୋଟି ଟଙ୍କା ଓ 2005–06 ରୁ 2009–10 ମସିହା ପାଇଁ ମୋଟ 29216.12 କୋଟି ଟଙ୍କା ହେବ ବୋଲି କମିଶନଙ୍କ ନିକଟରେ

ଆକଳନ ଉପସ୍ଥାପନା କରିଥିଲା ବେଳେ ଦ୍ୱାଦଶ ଅର୍ଥ କମିଶନ ଏ ବାବଦକୁ 2005–06 ମସିହା ପାଇଁ 5548.12 କୋଟି ଟଙ୍କା ଓ 2005–06 ରୁ 2009–10 ମସିହା ପାଇଁ ମୋଟ 36168.46 କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ସଂଗ୍ରହ କରିବାକୁ ପଡିବ ବୋଲି ସୁପାରିଶ କରିଛନ୍ତି । ସେହିପରି ରାଜ୍ୟର ଅଣଯୋଜନା ଖର୍ଚ୍ଚ ବାବଦକୁ ରାଜ୍ୟ ସରକାର 2005–06 ମସିହା ପାଇଁ 13687.38 କୋଟି ଟଙ୍କା ଓ 2005–06 ରୁ 2009–10 ମସିହା ପାଇଁ 86906.18 କୋଟି ଟଙ୍କା ଆକଳନ ଉପସ୍ଥାପନ କରିଥିଲାବେଳେ ଦ୍ୱାଦଶ ଅର୍ଥ କମିଶନ 2005–06 ମସିହା ପାଇଁ 10755.59 କୋଟି ଟଙ୍କା ଓ 2005–2010 ମସିହା ପାଇଁ ସର୍ବମୋଟ 65257.15 କୋଟି ଟଙ୍କା ମଧ୍ୟରେ ରାଜ୍ୟର ଅଣଯୋଜନା ଖର୍ଚ୍ଚ ସିମିତ ହେବବୋଲି ସୁପାରିଶ କରିଛନ୍ତି । 2005–06 ମସିହା ବଜେଟରେ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ବାବଦକୁ 5071.28 କୋଟି ଟଙ୍କା ଓ ରାଜ୍ୟର ଅଣଯୋଜନା ଖର୍ଚ୍ଚ ବାବଦକୁ 11467.75 କୋଟି ଟଙ୍କା ହେବ ବୋଲି ବର୍ତ୍ତମାନ ପାଇଁ ଆକଳନ କରାଯାଇଛି । ଏଥି ନିମିତ୍ତ ରାଜ୍ୟର ସମ୍ବଳ ସଂଗ୍ରହ ଓ ଅଣଯୋଜନା ଖର୍ଚ୍ଚ ଦ୍ୱାଦଶ ଅର୍ଥ କମିଶନଙ୍କ ଅଟକଳ ସ୍ତରରେ ହିଁ ରଖିବାକୁ ପଡିବ । ତେଣୁ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ଆର୍ଥିକ ଅନୁଦାନ ଓ ଋଣର ରିହାତି ସୁବିଧା ପାଇବାକୁ ହେଲେ ସମ୍ବଳ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଅଣଯୋଜନା ଖର୍ଚ୍ଚକୁ ସଙ୍କୁଚିତ କରିବା ରାଜ୍ୟ ପକ୍ଷରେ ଅତ୍ୟନ୍ତ ଜରୁରୀ ଅଟେ ।

- **ସର୍ବୋପରି Fiscal responsibility ବିଲ୍ ତୁରନ୍ତ ପାସ୍ ହେବା ଏବଂ ଏହା ଯଥାଶୀଘ୍ର କାର୍ଯ୍ୟକାରୀ ହେବା ଦରକାର, ନଚେତ୍ ରାଜ୍ୟ ସରକାର ସୁଧ ରି–ସେଟିଙ୍ଗ୍ ବାବଦକୁ ଓ ଋଣ ଛାଡ ବାବଦକୁ 5 ବର୍ଷ ମଧ୍ୟରେ substantial କ୍ଷତି ସହିବେ । ଏ ସୁଯୋଗ ହାତ ଛଡା କଲେ ଭାରତ ସରକାର କିମ୍ବା ପରବର୍ତ୍ତୀ ଅର୍ଥ କମିଶନ ରାଜ୍ୟର କୌଣସି ଦାବୀକୁ କର୍ଣ୍ଣପାତ କରିବେ ନାହିଁ ।**

ସମତୁଲ ବଜେଟ

69. ମୋର ଅଭିଭାଷଣ ଶେଷ କରିବା ପୂର୍ବରୁ 2005–06 ବର୍ଷର ବଜେଟର ମୋଟାମୋଟି ରୂପରେଖ ବିଷୟରେ ଏଠାରେ ମାନ୍ୟବର ସଦସ୍ୟମାନଙ୍କ ଅବଗତି ନିମନ୍ତେ ସୂଚାଇ ଦେବାକୁ ଚାହେଁ ଯେ ମଧ୍ୟମକାଳୀନ ଆର୍ଥିକ ଯୋଜନା ଅନୁଯାୟୀ 2005–06 ଆର୍ଥିକ ବର୍ଷର ରାଜସ୍ୱ ନିଅଣ୍ଟ 1073.39 କୋଟି ଟଙ୍କା ହିସାବ କରାଯାଇଥିଲା ବେଳେ ବର୍ତ୍ତମାନର ବଜେଟ ଆକଳନ ଅନୁଯାୟୀ ରାଜସ୍ୱ ନିଅଣ୍ଟ 1090.72 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଯଦି ଆମେ ଅଧିକ ରାଜସ୍ୱ ଆଦାୟ କରିବାକୁ ସକ୍ଷମ ହେବା ଏବଂ ରାଜସ୍ୱ ଖର୍ଚ୍ଚକୁ ସୀମିତ କରିପାରିବା ତେବେ ରାଜସ୍ୱ ନିଅଣ୍ଟ ହ୍ରାସର ଲକ୍ଷ୍ୟ ଯାହା ଧାର୍ଯ୍ୟ କରାଯାଇଛି ତାହା ଆମେ ପୂରଣ କରିବାକୁ ସକ୍ଷମ ହେବା ।

ରାଜ୍ୟର ସଂଗଠିତ ପାଣ୍ଠିରେ ମୋଟ ଆୟ୍ ଓ ବ୍ୟୟ୍ ହିସାବକୁ ନେଲେ 2005–06 ବଜେଟରେ 13.64 କୋଟି ଟଙ୍କା ବଳକା ହେଲା ବେଳକୁ ସରକାରୀ ହିସାବ ବା Public Account ରେ ନିଟ୍ 13.64 କୋଟି ଟଙ୍କା ନିଅଣ୍ଟ ହେବ ବୋଲି ଆକଳନ କରାଯାଇଛି । ଯେହେତୁ 2004–05 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଅନୁଯାୟୀ ବର୍ଷ ଶେଷରେ ଜମା ପାଣ୍ଠି 343.69 କୋଟି ଟଙ୍କା ନିଅଣ୍ଟ (Closing Deficit) ହେବ, ସେହି ପରିମାଣର ନିଅଣ୍ଟ 2005–06 ବର୍ଷର ପ୍ରାମ୍ଭିକ ନିଅଣ୍ଟ ଓ ବର୍ଷ ଶେଷର ନିଅଣ୍ଟ ବୋଲି ଧରାଯାଇଛି । ଅର୍ଥାତ୍ 2005–06 ମସିହା ପାଇଁ ଆକଳିତ ପ୍ରାରମ୍ଭିକ ଜମା ପାଣ୍ଠି ଓ ବର୍ଷ ଶେଷର ଜମା ପାଣ୍ଠିକୁ ସମାନ ସ୍ତରରେ ରଖାଯାଇଥିବାରୁ 2005–06 ବଜେଟ ଏକ ସମତୁଲ ବଜେଟ ବୋଲି ଆଖ୍ୟା ଦିଆଯାଇପାରେ, କାରଣ ସଂଗଠିତ ପାଣ୍ଠି ଓ ସରକାରୀ ହିସାବ (Public Account) କୁ ମିଶାଇ ଆୟ୍ ଓ ବ୍ୟୟ୍ ସମାନ ହେବ ବୋଲି ଆକଳନ କରାଯାଇଛି ।

ବଜେଟ ଏକ ଆୟ୍ ଓ ବ୍ୟୟ୍ର ଆକଳନ ଅଟେ । ଆମେ ସମସ୍ତେ ନିଷ୍ଠାପରଭାବେ ରାଜ୍ୟର ରାଜସ୍ୱ ବୃଦ୍ଧି ଏବଂ ଅଣଉତ୍ପାଦନ ଖର୍ଚ୍ଚକୁ କମାଇବା ପାଇଁ କଠୋର ଉଦ୍ୟମ କଲେ ଆଗାମୀ ଦିନଗୁଡିକରେ ରାଜ୍ୟର ଆର୍ଥିକ ଅବସ୍ଥାରେ ଉନ୍ନତି ଆସିପାରିବ ଏବଂ ଏଥିପାଇଁ ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ ଏକାନ୍ତ ଆବଶ୍ୟକ ।

ରାଜ୍ୟ ବଜେଟ୍ ବାହାରେ ଆସୁଥିବା ଅର୍ଥ ଓ ଖର୍ଚ୍ଚର ଗୁଣାତ୍ମକ ସମୀକ୍ଷା

70. ମୁଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ୍ ଆପଣମାନଙ୍କ ସମ୍ମୁଖରେ ରଖିବାକୁ ଚାହୁଁଛି । ତାହା ହେଲା, ରାଜ୍ୟ ବଜେଟରେ ବ୍ୟୟ୍ ବରାଦ ବ୍ୟତୀତ, ବଜେଟ୍ ବାହାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ବର୍ଷକୁ ପ୍ରାୟ୍ 1000 କୋଟି ରୁ 1200 କୋଟି ଟଙ୍କା ରାଜ୍ୟକୁ ମିଳୁଛି । ତାହା କିପରି ବ୍ୟବହାର ହେଉଛି ଏବଂ ତାହା ରାଜ୍ୟର ପ୍ରଗତିରେ କିପରି ସାହାଯ୍ୟ କରୁଛି ସେ ବିଷୟ୍ରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା ହେବା ସଙ୍ଗେସଙ୍ଗେ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବା ଆବଶ୍ୟକ ଅଟେ । It is pertinent to note that the size of the outlay is not so much important as the manner in which it is being utilised. The quality of expenditure and the achievement of the physical target and improvement achieved in the delivery of services are more crucial and critical, but not merely what amount is being spent.

71. ବାଚସ୍ପତି ମହୋଦୟ୍, ମୋର ପୂର୍ବୋକ୍ତ ବକ୍ତବ୍ୟରୁ ଏହି ବଜେଟ୍ ପ୍ରସ୍ତୁତି କରିବାରେ ମୋର ଅସହାୟ୍ତା ଆପଣ ଓ ମାନ୍ୟବର ସଦସ୍ୟ ସଦସ୍ୟାମାନେ ହୃଦୟ୍ଙ୍ଗମ କରିପାରିଥିବେ ବୋଲି ମୋର ଆଶା । ମୋର ସହକର୍ମୀ ମନ୍ତ୍ରୀ ତଥା ଏହି ପବିତ୍ର ଗୃହର ମାନ୍ୟବର ସଦସ୍ୟ ସଦସ୍ୟାମାନେ ରାଜ୍ୟର ପ୍ରଗତି ପାଇଁ ଅର୍ଥ ଆବଶ୍ୟକ କରୁଥିବା ବେଳେ ସମ୍ବଳର ଅଭାବ ଯୋଗୁଁ ମୁଁ ସେମାନଙ୍କୁ ପର୍ଯ୍ୟାପ୍ତ ଅର୍ଥ resource un-tied କାର୍ଯ୍ୟକ୍ରମ ପାଇଁ ଯୋଗାଇ ପାରୁ ନଥିବା ଅତ୍ୟନ୍ତ କଷ୍ଟଦାୟ୍କ । ସରକାରୀ ସ୍ତରରେ ଅଧିକ ସମ୍ବଳ ଯୋଗାଡ କରିବାର

ଯଥେଷ୍ଟ ଆବଶ୍ୟକତା ରହିଛି । କିନ୍ତୁ ସାଧାରଣ ଜନତା ଉପରେ କର ବୋଝ ଆଉ ବଢାଇ ହେବ ନାହିଁ । ତେଣୁ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ବେସରକାରୀ ସ୍ତରରେ ଘରୋଇ ଉଦ୍ୟୋଗପତିମାନଙ୍କୁ ଆମ ରାଜ୍ୟରେ ପୁଞ୍ଜି ବିନିଯୋଗ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରୁଅଛନ୍ତି । ଏହାଦ୍ୱାରା ଆମ ରାଜ୍ୟରେ ଏକ ଶିଳ୍ପର ବାତାବରଣ ସୃଷ୍ଟି ହେବ, ନୂତନ କର୍ମନିଯୁକ୍ତିର ଦ୍ୱାର ଉନ୍ମୁକ୍ତ ହେବ ଏବଂ ରାଜ୍ୟର ସମୃଦ୍ଧି ତ୍ୱରାନ୍ୱିତ ହୋଇପାରିବ । କିନ୍ତୁ ଦୁଃଖର ବିଷୟ ଏଥିରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରିବାର ବିଭିନ୍ନ ଉଦ୍ୟମ କରାଯାଉଛି ଯାହା ରାଜ୍ୟର ସ୍ୱାର୍ଥ ବିରୋଧୀ ଅଟେ । ଆମ ରାଜ୍ୟର ଆର୍ଥିକ ପରିସ୍ଥିତି ଆଜି କାହିଁକି ଯେ ଏପରି ବିପର୍ଯ୍ୟୟର ସମ୍ମୁଖୀନ ହେଲା ଓ ସେଥିପାଇଁ କିଏ ଦାୟୀ ତାହାକୁ ଏହି ଚର୍ଚ୍ଚାର ପରିସର ମଧ୍ୟକୁ ଆଣିବା ନିମିତ୍ତ ମୁଁ ପ୍ରୟାସ କରୁନାହିଁ । କିନ୍ତୁ ଭବିଷ୍ୟତ ପାଇଁ ଆମେ ସମସ୍ତେ ଦାୟୀ ରହିବା ।

72. ଏ ବଜେଟ୍‌କୁ ଚୂଡାନ୍ତ ରୂପ ଦେଲାବେଳେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ବିଶିଷ୍ଟ ରୋମାନ୍ ଚିନ୍ତାନାୟକ ସିସିରୋ (Cicero) ବଜେଟ୍ ସମ୍ପର୍କରେ ଦେଇଥିବା ଏକ ମନ୍ତବ୍ୟ ମୋତେ ଖୁବ ପ୍ରଭାବିତ କରିଛି ଯାହା ଏଠାରେ ଉଦ୍ଧାର କରିବାର ଲୋଭ ମୁଁ ସମ୍ବରଣ କରିପାରୁ ନାହିଁ । ତାଙ୍କ ମତରେ "The Budget should be balanced, the treasury should be refilled, public debt should be reduced, the arrogance of officialdom should be tempered and controlled and assistance to foreign lands should be reduced lest the State become bankrupt. The people should be forced to work and not depend on government for subsistence." ଅର୍ଥାତ, "ବଜେଟ୍ ସମତୁଲ ହେବା ଆବଶ୍ୟକ, ରାଜ୍ୟର କୋଷାଗାର ପରିପୂର୍ଣ୍ଣ ହେବା ଉଚିତ, ରାଷ୍ଟ୍ରର ଋଣଭାର ହ୍ରାସ ହେବା ବାଞ୍ଛନୀୟ, ଅମଲାତନ୍ତ୍ରର ଅହଙ୍କାର ଉପରେ ଅଙ୍କୁଶ ରହିବା ଉଚିତ, ବୈଦେଶିକ ସହାୟତା କମିବା ଦରକାର ଯେପରିକି ରାଷ୍ଟ୍ର ଦେବାଳିଆ ନହୁଏ । ଲୋକମାନେ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ନ ହୋଇ କାମ କରିବା ପାଇଁ ବାଧ୍ୟ ହେବା ଉଚିତ" । ମୁଁ ଜାଣେନା ସିସିରୋଙ୍କ ଏହି ଉକ୍ତିକୁ ସାକାର କରିବାକୁ ମୁଁ କେତେ ଦୂର ସମର୍ଥ ହୋଇଛି; କିନ୍ତୁ ଆମ ସମସ୍ତଙ୍କ ପାଇଁ ଏ ଉକ୍ତିର ପ୍ରାସଙ୍ଗିକତା ଯେ ରହିଛି ତାହା ନିଃସନ୍ଦେହ ।

73. ମୁଁ ଏଠାରେ ବିନମ୍ରତାର ସହିତ କହିବାକୁ ଚାହେଁ ଯେ ଆମର ସମ୍ବଳ ସୀମିତ କିନ୍ତୁ ସମସ୍ୟା ଅନେକ । ଆମ୍ଭେମାନେ ପରସ୍ପରକୁ ଦୋଷାରୋପ ନକରି ଧୈର୍ଯ୍ୟର ସହିତ ଓ ସ୍ଥିର ଚିତ୍ତରେ ବିଚାର ବିମର୍ଷ ଦ୍ୱାରା ଏହି ସିମୀତ ସମ୍ବଳ ମଧ୍ୟରେ ଅନେକ ଗୁଡିଏ ସମସ୍ୟାର ସମାଧାନ ପନ୍ଥା ବାହାର କରିପାରିବା । ସେଥିପାଇଁ ସମସ୍ତେ ଦଳମତ ନିର୍ବିଶେଷରେ ଖୋଲାମନ ଓ ହୃଦୟରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବା ଦରକାର । ଏଥିରେ କୌଣସି ରାଜନୀତି ସ୍ଥାନ ପାଇବା ଉଚିତ୍ ନୁହେଁ । ସେହି ଚକାଡୋଳା ସବୁ ଦେଖୁଛି ।

ସେ ଆମ ସମସ୍ତଙ୍କୁ ଆଗାମୀ ଦିନ ମାନଙ୍କରେ ରାଜ୍ୟର ଜଟିଳ ସମସ୍ୟା ସମାଧାନ କରିବାକୁ ସାହାଯ୍ୟ କରିବେ, ମୋର ଏଥିରେ ପୂର୍ଣ୍ଣ ବିଶ୍ୱାସ ଅଛି । ଆସନ୍ତୁ, ସମସ୍ତେ ମିଳିମିଶି ଓଡିଶାକୁ ପ୍ରଗତି ପଥରେ ଆଗେଇନେବାକୁ କଠୋର ପରିଶ୍ରମ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।

74. ରାଜ୍ୟର ଆର୍ଥିକ ବିକାଶ ପାଇଁ ମୁଁ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ କାମନା କରୁଛି । ଆମର ନିଜର ସ୍ୱାର୍ଥ ଅପେକ୍ଷା ରାଜ୍ୟ ତଥା ଜନସାଧାରଣଙ୍କର ସ୍ୱାର୍ଥ ଆମର ଧ୍ୟେୟ ହେବା ଆବଶ୍ୟକ । କାରଣ ଆମେ ଏପରି ଏକ ପରମ୍ପରାର ଦାୟାଦ ଯେଉଁ ପରମ୍ପରାରେ ମହାନ ସନ୍ଥ କବି ଭୀମଭୋଇ ଦିନେ "ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ" ର ମହାର୍ଘ ମନ୍ତ୍ର ଉଚ୍ଚାରଣ କରିଥିଲେ । ମୋର ଆଶା ଓ ବିଶ୍ୱାସ, ଆସନ୍ତା ଆର୍ଥିକ ବର୍ଷରେ ଏ ଜାତିର ନାଥ ଶ୍ରୀ ଜଗନ୍ନାଥ ଆମ ସମସ୍ତଙ୍କୁ ତଥା ରାଜ୍ୟବାସୀଙ୍କୁ ତାଙ୍କର କରୁଣା ପ୍ରଦାନ କରି ଓଡିଶାର ପ୍ରଗତି ରଥକୁ ଆଗେଇ ନେବେ ।

75. ବାଚସ୍ପତି ମହୋଦୟ, ସର୍ବଶେଷରେ ଏତେ ସମୟ ଧରି ମୋର ବକ୍ତବ୍ୟ ଶୁଣିଥିବାରୁ ମୁଁ ଆପଣଙ୍କୁ, ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବିରୋଧିଦଳର ନେତା, ଉପନେତା, ଶାସକ ଓ ବିରୋଧି ଦଳର ସମସ୍ତ ସଦସ୍ୟ ସଦସ୍ୟା ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରି ମୋର ବକ୍ତବ୍ୟ ଶେଷ କରୁଛି ।

*ଜୟ ଜଗନ୍ନାଥ*

*ବନ୍ଦେ ଉତ୍କଳ ଜନନୀ*

*ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ*

*ଅର୍ଥ ମନ୍ତ୍ରୀ*

ଓଡ଼ିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା, କଟକ,--୧୦ ରେ ମୁଦ୍ରିତ